## ସଂକ୍ଷେପରେ

### ବିଦ୍ୟୁତ ବିଭ୍ରାଟ ଯୋଗୁ ପାଠପଢ଼ା ବ୍ୟାହତ

ଲାଠୋର,୨୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ବଢ଼ିବାରେ ଲାଗିଛି। ଫଳରେ ପିଲାମାନେ ପାଠ ପଢ଼ିବାରେ ବାଧା ସୃଷ୍ଟି ହେବା ସହ ଲୋକେ ନା ନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ବିଦ୍ୟୁତ୍ ଯୋଗାଣ ସଂସ୍ଥା ତତ୍ପରତା ପ୍ରକାଶ କରୁନାହିଁ। ଫଳସ୍ୱରୂପ ବିଗତ ଦିନରେ ଉପଭୋକ୍ତା ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବା ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଜନସାଧାରଣ ଯେପରି ବିଦ୍ୟୁତ୍ ସେବାରୁ ବଞ୍ଚିତ ନହେବେ ସେଥିପ୍ରତି ଯୋଗାଣ ସଂସ୍ଥା ଯତ୍ନବାନ ହେବାକୁ କଡ଼ା ନିର୍ଦ୍ଦେଶ ଥିଲେ ମଧ୍ୟ ଯୋଗାଣ ସଂସ୍ଥା କାହାକୁ ଖାତିର କରିବା ପରି ମନେ ହେଉନାହିଁ।

ଲାଠୋରରେ ଦୀର୍ଘବର୍ଷ ହେଲା ଏକ ଗ୍ରୀଡ଼ ସ୍ଥାପନ କରାଯାଇ ଅଞ୍ଚଳର ବିଭିନ୍ନ ଗ୍ରାମକୁ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଇଛି। ଅଞ୍ଚଳରେ ସହସ୍ରାଧିକ ବିଦ୍ୟୁତ ଉପଭୋକ୍ତା ରହିଛନ୍ତି। ହେଲେ ବାରମ୍ବାର ଏହି ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ଉପଭୋକ୍ତା ୫୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ବାବଦକୁ ୟୁନିଟ ପ୍ରତି ୨ ଟଙ୍କା ୯୦ ପଇସା ଦେୟ ଦେଉଥିବା ବେଳେ ୫୦ ୟୁନିଟରୁ ଅଧିକା ହେଲେ ୟୁନିଟି ପିଛା ୪ ଟଙ୍କା ୭୦ ପଇସା ଦେଉଛନ୍ତି। ଏହାଛଡା ଫିକ୍ସ ଚାର୍ଜ ବାବଦକୁ ୨୦ ଟଙ୍କା ଏବଂ ଇଲେକ୍ଟ୍ରିଡ଼ିୟୁଟି ବାବଦକୁ କିଲୋୱାଟ ହିସାବରେ ୬୦ ଟଙ୍କା ପର୍ଯ୍ୟନ୍ତ ଯୋଗାଣ ସଂସ୍ଥା ଉପଭୋକ୍ତାମାନଙ୍କ ଠାରୁ ମାସିକ ଆଦାୟ କରୁଛି। ଏହା ସତ୍ତ୍ୱେ ଉପଭୋକ୍ତାମାନଙ୍କୁ ଉଚିତ ବିଦ୍ୟୁତ୍ ସେବା ମିଳି ପାରୁନାହିଁ। ସାମାନ୍ୟ ବର୍ଷା ପବନ ହେଲେ ଦିନରାତି ବିଦ୍ୟୁତ କାଟ ହେଉଛି। ବୁଧବାର ସନ୍ଧ୍ୟା ୭ଟାରେ ସାମାନ୍ୟ ବର୍ଷା, ପବନ ହେବାରୁ ପିପଲବାହାଲ ଗ୍ରାମ ନିକଟରେ ଏକ ଛୋଟିଆ ଗଛ ଡ଼ାଳ ବିଦ୍ୟୁତ୍ ତାରରେ ପଡ଼ିବାରୁ ରାତି ତମାମ ବିଦ୍ୟୁତ୍ କାଟ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇଥିଲା। ବର୍ତ୍ତମାନ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକମାନେ ୟୁପିଏସସି, ଓପିଏସସି ତଥା ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତି କରୁଛନ୍ତି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅନ୍‌ଲାଇନ କ୍ଲାସରେ ପାଠ ପଢୁଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ସେହିପରି ଲାଠୋର ଏକ ବ୍ୟବସାୟିକ କେନ୍ଦ୍ର ହୋଇଥିବା ବେଳେ ଅଧିକାଂଶ ସମୟରେ ବିଦ୍ୟୁତ ବିଭ୍ରାଟ ଯୋଗୁ ବ୍ୟବସାୟ ମାନ୍ଦା ହେଉଛି। ବିଦ୍ୟୁତ୍ ଯୋଗାଣ ସଂସ୍ଥା ନିୟମ ଅନୁଯାୟୀ ଉପଭୋକ୍ତାଙ୍କଠାରୁ ଦେୟ ଆଦାୟ କରୁଛି। ଯେଉଁ ଉପଭୋକ୍ତା ଦେୟ ପଇଠ କରୁନାହାନ୍ତି ତାଙ୍କ ବିଦ୍ୟୁତ୍ କାଟ କରାଯାଉଛି। ହେଲେ ଯୋଗାଣ ସଂସ୍ଥା ଉପଯୁକ୍ତ ସେବା ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଲାଗି ରହିଛି । ଏନେଇ ବିଦ୍ୟୁତ୍ ଯୋଗାଣ ସଂସ୍ଥା ଖପ୍ରାଖୋଲ ସେକ୍ସନାଲ ଅଫିସର ସସ୍ମିତ ପରିଡ଼ାଙ୍କୁ ଫୋନରେ ବାରମ୍ବାର ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ସମ୍ଭବ ହୋଇ ପାରିନାହିଁ । ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି।

# ‘ଜଙ୍ଗଲ ଉଜୁଡ଼ିଲେ ଭାଙ୍ଗିଯିବ ଖାଦ୍ୟ ଶୃଙ୍ଖଳ’

## ବଲାଙ୍ଗୀରରେ ବିଶ୍ୱ ବନ ଦିବସ ପାଳିତ



ବଲାଙ୍ଗୀର ବନ ବିଭାଗ ପକ୍ଷରୁ ବିଶ୍ୱ ବନ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୧।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବନବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ବନ ଦିବସ ପାଳିତ ହୋଇଛି। ଏସିଏଫ୍ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶ୍ୱ ବନ ଦିବସ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିବାଜୀ ଇସଲୱାର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଲିଫ୍ ବିଭାଗ ଡିଏଫଓ ଅନିତାରାଣୀ ରାୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ବବିତା ସିଂ, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଅଞ୍ଜନ ଦାସ, ବକ୍ତା ଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମଞ୍ଚାସୀନ ଥିଲେ। ଏସିଏଫ୍ ସାହୁ ସଭା ପ୍ରାରମ୍ଭରେ ବିଶ୍ୱ ବନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଚଳିତବର୍ଷ ବିଶ୍ୱବନ ଦିବସ ପାଳନର ବିଷୟ ଜଙ୍ଗଲ ଓ ଖାଦ୍ୟ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। ଜୀବଜଗତର ଖାଦ୍ୟଶୃଙ୍ଖଳ ରକ୍ଷାରେ ଜଙ୍ଗଲ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ଅତିଥିମାନେ କହିଥିଲେ। ମହୁଲ ଫୁଲ ସଂଗ୍ରହ କାରଣରୁ କିଭଳି ଜଙ୍ଗଲରେ ନିଆଁ ଲାଗୁଛି ସେ ନେଇ ସଚେତନତା ଲୋଡା ବୋଲି ମୁଖ୍ୟଅତିଥି ଜିଲାପାଳ ଇସଲୱାର କହିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଜଙ୍ଗଲ ଏବଂ ଖାଦ୍ୟ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଖରାଦିନରେ ସାଧାରଣତଃ ଦେଖାଯାଉଥିବା ଜଙ୍ଗଲ ନିଆଁରୁ କିଭଳି ଜଙ୍ଗଲକୁ ରକ୍ଷା କରାଯାଇପାରିବ ସେ ଉପରେ ଗୁରୁତ୍ୱ ଦେଇଥିଲେ। ଜଙ୍ଗଲ ସୁରକ୍ଷା କର୍ମୀ କୁଳମଣି ସାହୁ ଜଙ୍ଗଲ ନିଆଁ ଯୋଗୁ କିଭଳି ଦୁର୍ଲଭ ପ୍ରାଣୀସମ୍ପଦ ଏବଂ ଜୈବସମ୍ପଦ ନଷ୍ଟ ହେଉଛି ସେ ଦିଗରେ କହିଥିଲେ। ବନ ବିଭାଗ ସହ ବନ ସୁରକ୍ଷା ସମିତିଗୁଡିକର ଉତ୍ତମ ସମନ୍ୱୟ ଦିଗରେ ରହିଯାଉଥିବା ଦୂରତା ଉପରେ କହି ଏ ଦିଗରେ ବନବିଭାଗ ଏବଂ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ କହିଥିଲେ। ଅନ୍ୟ କେତେଜଣ ବନ ସୁରକ୍ଷା କର୍ମୀ ଜିଲାରେ ଜଙ୍ଗଲ ସୁରକ୍ଷା, ବିରଳ ଔଷଧୀୟ ଗୁଳ୍ମର ସୁରକ୍ଷା ଏବଂ ବନ ସୁରକ୍ଷା ସମିତିଙ୍କୁ ଅଧିକ ଦାୟିତ୍ୱ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାମ ପାଇଁ ତେନ୍ତୁଲିଖୁଣ୍ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ତେଲେନପାଲି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଦେସିଲ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଚିକଲବାହାଲ, ନାନ୍ଦୁପଲା ଓ ଢୋଲମାନ୍ଦଲ ଗ୍ରାମପଞ୍ଚାୟତକୁ ପୁରସ୍କୃତ କରାଯାଇଥବଲା। ସଭା ଶେଷରେ ଏସିଏଫ୍ ମାନସ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

# ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ



ଏଡ୍‌ସ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

ଲାଠୋର,୨୧।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏଡ୍‌ସ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଇନଚାର୍ଜ ଡ଼ା.ସୁରଜ କୁମାର ଦୀପ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଛାତ୍ରୀଛାତ୍ରମାନେ ଏଡ୍‌ସ ବିଷୟରେ ପ୍ରଥମେ ସଚେତନ ହେବା ଉଚିତ । ନୈତିକତାର ଅବକ୍ଷୟ ପାଇଁ ଏଡ୍‌ସ ରୋଗ ବ୍ୟାପୁଛି । ଏଣୁ ମନକୁ ନିୟନ୍ତ୍ରଣ କରିବା ସହ ସଂଯମତା ରକ୍ଷା କରିବା ,ସର୍ବୋପରି ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ଦ୍ୱାରା ଏଡ଼ସ ରୋଗ ନିୟନ୍ତ୍ରଣ ହୋଇପାରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଲାଠୋର ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ଦାଶ, ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଅବିନାଶ ମାଝୀ, ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟର ଆଇସିଟିସି କାଉନସେଲର ସୁଶାନ୍ତ ପ୍ରଧାନ, ଏଲଡବ୍ଲୁଏସ ପ୍ରୋଜେକ୍ଟ ବଲାଙ୍ଗୀରର ଜୋନାଲ ସୁପରଭାଇଜର ଜିତେନ୍ଦ୍ର ସାଗର, ଶିକ୍ଷାବିତ ସଦାନନ୍ଦ ବେହେରା ଯୋଗଦେଇ ଏଡ୍‌ସ ନିରାକରଣ ଉପରେ ଆଲୋଚନା କରିଥିଲେ । ରେଡ ରିବନ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ରେଡକ୍ରସ ପ୍ରତିଷ୍ଠାତା ହେନେରୀ ଡୁନାର୍ଣ୍ଟଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ଅଧ୍ୟାପକ ରୁନୁ ମେହେର ସଭା ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ରାକ୍ଷୀ ସୁନାଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ କରାଯାଇଥିଲା । ପରେ ଯୁବ ରେଡକ୍ରସ ପରାମର୍ଶଦାତା ନାମିତ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ଶୋଭାଯାତ୍ରା ବାହାରି ଲାଠୋର ଅଞ୍ଚଳ ପରିକ୍ରମା କରିଥିଲା । ବରିଷ୍ଠ ଅଧ୍ୟାପକ ହାରେଶ କୁମାର ସାହୁ, ନାରାୟଣ ପ୍ରଧାନ, ପ୍ରଦୀପ କୁମାର ଠାକୁର, ରାମନାରାୟଣ ବେଦବାକ, ସତ୍ୟଶରଣ ସାହୁ, ଗଙ୍ଗାଧର ଭଇଁସାଲ, ଗୁନମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଚନ୍ଦ୍ରମଣି ଭଇଁସାଲ, ରେବତୀ ମେହେର, ରାଜକିଶୋର ବାଗ, ଉମାକାନ୍ତ ଦେହେରି, ବିଜୟ ଭଇଁସାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ଥିକ ଅନିୟମିତତା ଅଭିଯୋଗରେ ଆଗଲପୁର ସରପଞ୍ଚ ନିଲମ୍ବିତ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)


ନିଲମ୍ବିତ ସରପଞ୍ଚ ନନ୍ଦିନୀ ମେହେର

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍ ଭରସୁଜା ସରପଞ୍ଚଙ୍କ ପରେ ଆଗଲପୁର ସରପଞ୍ଚ ନନ୍ଦିନୀ ମେହେରଙ୍କୁ ନିଲମ୍ବନ କରାଯାଇଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବଲାଙ୍ଗୀର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୪୦୧(ତା ୨୦।୩।୨୦୨୫) ଅନୁଯାୟୀ ସରପଞ୍ଚ ମେହେରଙ୍କୁ ନିଲମ୍ବନ କରାଯାଇଥିବା ଜଣାଯାଇଛି । ପ୍ରକାଶ ଯେ, ରାଜକିଶୋର ପୋଢ଼ ଆଗଲପୁର ଓ ଭରସୁଜା ପଞ୍ଚାୟତରେ ପିଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ)ଦାୟିତ୍ୱରେ ରହିଥିଲେ । ୨୦୨୪ ମାର୍ଚ୍ଚ ମାସରେ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି ଭରସୁଜା ଓ ଆଗଲପୁର ପଞ୍ଚାୟତ ପରିଦର୍ଶନରେ ଯାଇଥିଲେ । ସେତେବେଳେ ପିଇଓ ପୋଢ଼ ଉନ୍ନୟନ କାମ ସଂକ୍ରାନ୍ତ ଫାଇଲ ଏବଂ ଭଉଚର ରେକର୍ଡପତ୍ର ଦେଖାଇପାରି ନ ଥିଲେ । ୨୦୨୨-୨୩ ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଉଭୟ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି କରାଯାଇ ସରକାରୀ ଅର୍ଥ ଅନିୟମିତତା କରାଯାଇଥିବା ଜଣାପଡ଼ିଥିଲା । ଏହାପରେ ୨୦୨୪ ଅକ୍ଟୋବର ୧୫ରେ ପିଇଓ ପୋଢ଼ଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଆଗଲପୁର ବିଡିଓ ଥାନାରେ ଏତଲା ଦେଇଥିଲେ। ୨୦୨୪ ଅକ୍ଟୋବର ୧୬ରେ ଆର୍ଥିକ ଅନିୟମିତତା ଅଭିଯୋଗରେ ପିଇଓ ପୋଢ଼ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଅନିୟମିତତାରେ ଉଭୟ ସରପଞ୍ଚଙ୍କର ମଧ୍ୟ ସମ୍ପୃକ୍ତି ରହିଥିବା ଅଭିଯୋଗକ୍ରମେ ରାଜ୍ୟ ସରକାର ଗତ ୧୮ ତାରିଖରେ ପ୍ରଥମେ ଭରସୁଜା ସରପଞ୍ଚ ପ୍ରମିଳା ସାହୁଙ୍କୁ ନିଲମ୍ବିତ କରିଥିଲେ । ସମାନ ଘଟଣାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଗଲପୁର ସରପଞ୍ଚ ମେହେରଙ୍କୁ ମଧ୍ୟ ଜିଲାପାଳ ନିଲମ୍ବନ କରିଥିବା ବିଡିଓ ମହାନ୍ତି କହିଛନ୍ତି । ପ୍ରକାଶଥାଉ କି , ନିଲମ୍ବିତ ଆଗଲପୁର ସରପଞ୍ଚ ନନ୍ଦିନୀ ମେହେରଙ୍କ ଶ୍ୱଶୁର କୃଷ୍ଣ ମେହେର ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ସରପଞ୍ଚ ଥିଲେ । ସେତେବେଳେ ପିଡିଏସ ଦୁର୍ନୀତି ମାମଲାରେ କୃଷ୍ଣ ବହିଷ୍କୃତ ହୋଇଥିଲେ । ଏହି ମାମଲା ଏବେ ବି ଚାଲିଛି । ତେବେ ଉଭୟ ସରପଞ୍ଚ ନିଲମ୍ବନ ହେବା ଘଟଣା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

## ପ୍ରଭାବତୀ ପବ୍ଲିକ ସ୍କୁଲରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ

ଟିଟିଲାଗଡ଼,୨୧।୩(ସନ୍ତୋଷ ପଟ୍ଟନାୟକ)

ମଙ୍ଗଳବାର ସନ୍ଧ୍ୟାରେ ଟିଟିଲାଗଡ ସହରର ପୁରୁଣା ବ୍ୟାଙ୍କ ଛକସ୍ଥିତ ପ୍ରଭାବତୀ ପବ୍ଲିକ ସ୍କୁଲର ଜୁନିୟର ଉଇଂରେ ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ନେଇ ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ସ୍କୁଲ ଅଧ୍ୟକ୍ଷା ଡ. ସୁନନ୍ଦା ଜଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ମ୍ୟାନେଜମେଣ୍ଟର ସଦସ୍ୟା ଶ୍ୟାମାଲତା ଅଗ୍ରୱାଲ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଆନନ୍ଦ ଜୈନ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସ୍କୁଲର ଉପାଧ୍ୟକ୍ଷ ପୀତାମ୍ବର ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର କମ୍ପ୍ୟୁଟର ଶିକ୍ଷକ ଅଭିଷେକ ବହିଦାର, ସତ୍ୟବାଦୀ ସେଠୀ ପ୍ରୋଜେକ୍ଟର ମାଧ୍ୟମରେ ବିଦ୍ୟାଳୟର ବିଭିନ୍ନ ଉପଲବ୍ଧିକୁ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସ୍କୁଲର ଶିକ୍ଷୟିତ୍ରୀ ଇପ୍ସିତା ମିଶ୍ର, ଅନୁପମା ଚୌଧୁରୀ, ଦେବଶ୍ରୀ ମହାପାତ୍ର, ମମିତା ଚୌଧୁରୀ, ତୁଷାର ଦାସ, ସୁରେନ୍ଦ୍ର ଦାସ, ପ୍ରମୋଦ କୁମାର ପାଲ, ଚିତ୍ତ ରଞ୍ଜନ ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଜେ.ଏସ. ଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବୋଦୟରେ ମାଟ୍‌ଲାବ୍ ଉପରେ ଦିନିକିଆ କର୍ମଶାଳା



ଯୁବୋଦୟ ପକ୍ଷରୁ ଆୟୋଜିତ କର୍ମଶାଳାରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ବଲାଙ୍ଗୀର,୨୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ଅଗ୍ରଣୀ ଶିକ୍ଷାନୁଷ୍ଠାନ ଯୁବୋଦୟ ପରିସରରେ ବୁଧବାର ମାଟ୍‌ଲାବ୍ ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବୋଦୟର ବିସିଏ, ବିବିଏ ଓ ବିଏସି ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହିକର୍ମଶାଳାରେ ମାଟଲାବ ସଫ୍ଟୱେୟାର ବ୍ୟବହାର ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇବା ଏବଂ ଉନ୍ନତ ଗବେଷଣା ଜ୍ଞାନ ପ୍ରଦାନ କରାଯାଇଥିଲା। ମାଟଲାବ୍ ଏକ ଉନ୍ନତ ପ୍ରମାଣସିଦ୍ଧ ସଫ୍ଟୱେୟାର ଯାହା ଗୁରୁତ୍ୱପୂର୍ଣ୍ଣ ଗଣନା ଏବଂ ବିଭିନ୍ନ ବିଷୟର ଗଭୀର ଜ୍ଞାନ ପାଇଁ ଉପଯୋଗୀ। ଯୁବୋଦୟ ପକ୍ଷରୁ କର୍ମଶାଳା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଜ୍ଞାନ ପ୍ରଦାନ କରିବା ଉପରେ ଜୋର ଦିଆଯାଇ ଆସୁଛି। କେବଳ ପାଠ୍ୟକ୍ରମ ଭିତରେ ଛାତ୍ରୀଛାତ୍ରଙ୍କୁ ସୀମିତ ନ ରଖି ଉନ୍ନତ ଏବଂ ଆଧୁନିକ ଟେକ୍ନୋଲୋଜି ସହ ପରିଚିତ କରିବା ଦିଗରେ ସବୁବେଳେ ପ୍ରୟାସ କରାଯାଉଥିବା ସୂଚନା ଦିଆଯାଇଥିଲା। ଏହି କର୍ମଶାଳାରେ ବିଶେଷଜ୍ଞ ଭାବେ ଡ. ଜଗମୋହନ ପାଢୀ ସୂଚନା ପ୍ରଦାନ କରିଥିଲେ। କର୍ମଶାଳରେ ଅଂଶଗ୍ରହକାରୀ ବିସିଏ, ବିବିଏ ଓ ବିଏସି ଛାତ୍ରୀଛାତ୍ର ମାନଙ୍କୁ ପ୍ରମାଣପାତ୍ର ପ୍ରଦାନ କରାଯାଇଥିଲା।

## ନିର୍ବାହୀ ଅଧିକାରୀଙ୍କ ପରଲୋକ

ସଇଁତଲା,୨୧।୩ (ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଝିଙ୍କିଡୁଙ୍ଗୁରୀ ଏବଂ ଚିକ୍ରାପଡ଼ା ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ଥିବା ଅକ୍ଷୟ କୁମାର ମହାନ୍ତିଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ତଳେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବରଗଡ଼ସ୍ଥିତ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସ୍ୱର୍ଗତ ମହାନ୍ତି ସଇଁତଲା ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ସରକାରୀ ବାସଭବନରେ ନିଜ ସ୍ତ୍ରୀଙ୍କ ସହ ରହୁଥିବା ବେଳେ ଆଉ କିଛିମାସ ପରେ ଅବସର ଗ୍ରହଣ କରିଥାନ୍ତେ । ସେ ଜଣେ ମେଳାପି, କର୍ତ୍ତବ୍ୟନିଷ୍ଠ ତଥା ପରୋପକାରୀ ବ୍ୟକ୍ତି ଥିଲେ ।

# ୭ ଶହ ମିଟର ରାସ୍ତା ପାଇଁ ଟଙ୍କା ନିଅଣ୍ଟ

## ସଲତରପାଲି-ବିଶାଳପାଲି ରାସ୍ତା

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଲତରପାଲି ଖେଳପଡିଆରୁ ବିଶାଳପାଲିକୁ ରାସ୍ତା ସଂଯୋଗୀକରଣ ହୋଇଛି । ମାସକ ତଳେ ବଲାଙ୍ଗୀର ପୂର୍ତ୍ତ ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ନିର୍ମାଣ କରାଯାଇଛି । ତେବେ ପରିତାପର ବିଷୟ ବିଶାଳପାଲିକୁ ପିଚୁ ରାସ୍ତା ସଂଯୋଗ ପାଇଁ ଆହୁରି ୭ ଶହ ମିଟର ରାସ୍ତା ବାକି ରହିଯାଇଛି । ବିଭାଗର ଏପରି ଖାମଖିଆଲି ତଥା ବିଚିତ୍ର ନୀତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ସଲତରପାଲି ଖେଳପଡିଆରୁ ବଦିବାହାଲ ପଞ୍ଚାୟତ ବିଶାଳପାଲିକୁ ଯିବା ପାଇଁ ଏକ ରାସ୍ତା ରହିଛି। ପ୍ରାୟ ୨.୫ କିମି ରାସ୍ତା ମଧ୍ୟରୁ ୧.୮ କିମି ରାସ୍ତା ନିର୍ମାଣ କରାଯାଇଛି । ବିଶାଳପାଲିକୁ ରାସ୍ତା ଛୁଇଁବାକୁ ହେଲେ ଆହୁରି ୭ଶହ ମିଟରର କାମ ବାକିରହିଯାଇଛି। ତେବେ ହୋଇଥିବା ରାସ୍ତା କାମରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । କାମ ପୂର୍ବରୁ ପ୍ରକଳ୍ପର ସୂଚନା ଫଳକ ଲାଗିବା ନେଇ ସରକାରୀ ନିର୍ଦ୍ଦେଶନାମା ରହିଛି । ଏହାକୁ ବିଭାଗ ଓ ଠିକାସଂସ୍ଥା ବେଖାତିରେ ମନୋଭାବ ପୋଷଣ କରି ଆସୁଛନ୍ତି । ଇତିମଧ୍ୟରେ ରାସ୍ତା ନିର୍ମାଣକୁ ଗୋଟିଏ ମାସ ବିତି ଯାଇଥିଲେ ସୁଦ୍ଧା ଅଦ୍ୟାବଧି ଏଠାରେ ସୂଚନା ଫଳକ ଲଗାଯାଇନାହିଁ। ପ୍ରକୃତ ତଥ୍ୟ ପାଇବାକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡିଛନ୍ତି । ଏ ସମ୍ପର୍କରେ ଯନ୍ତ୍ରୀ ବିଧାନ ନାଏକଙ୍କୁ ପଚାରିବାରେ ଟଙ୍କା ଅଭାବ ଥିବାରୁ ଅଧାରାସ୍ତା କାମ କରାଯାଇଛିବୋଲିକହିଛନ୍ତି।

# ନୋଟିସରେ ପକ୍ଷପାତିତା ଅଭିଯୋଗ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ମନ୍ଦିର ଛକ ଅଞ୍ଚଳର ଜବରଦଖଲକାରୀଙ୍କୁ ଗୁରୁବାର ପୁଣି ଲୋଇସିଂହା ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି । ହେଲେ ଏନେଇ ପକ୍ଷପାତିତା କରାଯାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ଯୋଗୀସର୍ଡା ମନ୍ଦିର ଛକ ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲ କରି କେତେଜଣ ବ୍ୟକ୍ତି ଘର କରି ରହୁଥିବା ବେଳେ ଆଉ କେତେଜଣ ଦୋକାନ ଗୃହ କରି ବ୍ୟବସାୟ କରୁଛନ୍ତି । ଏହାଫଳରେ ନିକଟରେ ଥିବା ଗ୍ରାମର ଯୋଗେଶ୍ୱର ବାବାଙ୍କ ପୀଠର ସୌନ୍ଦର୍ଯ୍ୟକରଣ କାମରେ ବାଧାସୃଷ୍ଟି ହେଉଛି । ଏହାକୁ ନେଇ ଗାଁରେ ବିବାଦ ଦେଖାଦେଇଛି । ଗୁରୁବାର ତହସିଲ ପକ୍ଷରୁ ଉକ୍ତ ମନ୍ଦିର ଛକ ତଥା ବସ୍ତି ପାର୍ଶ୍ୱରେ ଥିବା କେତେକ ଦୋକାନୀଙ୍କୁ ନୋଟିସ ଜାରି ହୋଇଛି । ହେଲେ ମନ୍ଦିର ପାର୍ଶ୍ୱରେ ଥିବା ଅନ୍ୟ କେତେଜଣ ବ୍ୟକ୍ତିବିଶେଷଙ୍କୁ କାହିଁକି ନୋଟିସ ହେଲାନି ବୋଲି ନୋଟିସ ପାଇଥିବା ଲୋକେ ପ୍ରଶ୍ନ କରିଛନ୍ତି। ତହସିଲ ପକ୍ଷରୁ ପକ୍ଷପାତିତା କରାଯାଉଥିବା ଅଭିଯୋଗ ହୋଇଛି ।

# କବିତାରେ ଝୁମିଲେ କବୟିତ୍ରୀ, କବି

## ବିଶ୍ୱ କବିତା ଦିବସରେ ବହୁଭାଷୀ କବିତା ସମ୍ମେଳନ

ବଲାଙ୍ଗୀର,୨୧।୩
(ବୀରେନ୍ଦ୍ର କୁମାର ଝାଙ୍କର)

ବିଶ୍ୱ କବିତା ଦିବସ ଉପଲକ୍ଷେ ଶୁକ୍ରବାର ସାମ୍ବାଦିକ ଭବନଠାରେ ସାରସ୍ୱତ ଅନୁଷ୍ଠାନ ରଚନା ଏବଂ ଜିଲା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ବହୁଭାଷୀ କବିତା ସମ୍ମେଳନ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ବିଶ୍ୱ କବିତା ଦିବସ ଅବସରରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା। କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କବି ଡ. ସଞ୍ଜୟ କୁମାର ମିଶ୍ର ଯୋଗଦେଇ ଶ୍ରେଷ୍ଠ କବିତା ମାଟିର କଥା କହେ ବୋଲି କହିଥିଲେ। କବିତା ଜୀବନର କଥା କହୁ, ପୃଥିବୀର କଥା କହୁ, ମାଟିର କଥା କହୁ। ବିସ୍ଥାପିତ, ଦାଦନ ଶ୍ରମିକର କଥା କହୁ ବୋଲି କହିଥିଲେ। ଅମୃତମୟ କବି ଗଙ୍ଗାଧର ଓ ଭୀମଭୋଇ ମାଟିର କଥା କହିଯାଇଛନ୍ତି ବୋଲି କହିଥିଲେ। ସଭାକୁ କବି ରତ୍ନମୟ ତ୍ରିପାଠୀ ସଂଯୋଜନା କରିଥିଲେ। ସଭା ଶେଷରେ ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ। ସଭା ପରେ ଦ୍ୱିତୀୟ ଅଧିବେଶନରେ ବହୁଭାଷୀ କବି ସମ୍ମେଳନ ଆରମ୍ଭ ହୋଇଥିଲା। କବୟିତ୍ରୀ ସସ୍ମିତା ନେପାକ ଓ ପୁଷ୍ପାଞ୍ଜଳି ମେହେରଙ୍କ ଯୁଗ୍ମ ସଂଯୋଜନାକ୍ରମେ ଅନୁଷ୍ଠିତ କବିତା ଆସରରେ ବହୁ କବି ନିଜସ୍ୱ କବିତା ପାଠ କରିଥିଲେ। ଜଣାଶୁଣା କବି ଡ. ପ୍ରହଲ୍ଲାଦ ଶତପଥୀ, କସ୍ତୁରୀ ରଥ, ଡ. ପ୍ରେମଚାନ୍ଦ ମହାନ୍ତି, ଚିତ୍ତରଞ୍ଜନ ମିଶ୍ର, ଶୁଭ୍ରାଂଶୁ ଶେଖର ପଣ୍ଡା, ଆନନ୍ଦ ଚନ୍ଦ୍ର ସାହୁ, ହୃଷିକେଶ ପୁରୋହିତ, ପ୍ରିୟମ୍ବଦା ହୋତା, ସୋନାଲି ପାଢ଼ୀ, ଅଞ୍ଜଳି ଶତପଥି, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସନ୍ତୋଷୀ ମେହେର, କୁମୁଦିନୀ ପୃଷ୍ଟି, ନଳିନୀପ୍ରଭା ଶତପଥୀ ଓ ଅନ୍ୟମାନେ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବୟିତ୍ରୀ ଡା ଜ୍ୟୋର୍ତିମୟୀ ସାହୁ, ଅରୁଣ ମିଶ୍ର, ସମ୍ପାଦକ ଭାଗିରଥି ମିଶ୍ର ଉପସ୍ଥିତ ଥିଲେ।


ବହୁଭାଷୀ କବିତା ସମ୍ମେଳନରେ ମଞ୍ଚାସୀନ ଅତିଥି।

# ପାକ୍ସ କର୍ମଚାରୀଙ୍କୁ ତାଲା ପକାଇଲେ ଚାଷୀ

ଲୋଇସିଂହା,୨୧।୩(ସୁଶାନ୍ତ ବାରିକ)


ଚାଷୀମାନେ ପାକ୍ସ କର୍ମଚାରୀଙ୍କୁ ତାଲା ପକାଇ ରଖିଛନ୍ତି।

ଶୁକ୍ରବାର ଲାପ୍ସ ଟୋକନ ପୁନଃ ଜେନେରେଟ ପରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପାକ୍ସରେ ବଲାଙ୍ଗୀର ଆରଏମସି କର୍ମଚାରଙ୍କ ଉପସ୍ଥିତରେ ସ୍ୱତନ୍ତ୍ର ଭାବେ ଚାଷୀ ଦୁର୍ଗାମାଧବ ସିଂଦେଓଙ୍କ ୭୫ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ତେବେ ତାଙ୍କଠାରୁ ଜିରୋ କଟ୍‌ନୀରେ ଧାନ କ୍ରୟ ହୋଇଥିବା ପାକ୍ସ ଅଧୀନ ଅନ୍ୟ ଚାଷୀମାନେ ଜାଣିବାକୁ ପାଇଥିଲେ । ଏହାପରେ ସେମାନଙ୍କ ଧାନକ୍ରୟ ବେଳେ କାହିଁକି କଟ୍‌ନୀ ଛଟ୍‌ନୀ କରାଯାଇଥିଲା କହି ଚାଷୀମାନେ କନ୍ଦାଜୁରୀ ପାକ୍ସ ଆଗରେ ପ୍ରତିବାଦ କରିଥିଲେ । ପ୍ରଶାସନର ଦୋମୁହାଁ ନୀତି ପ୍ରତିବାଦରେ ପରବର୍ତ୍ତୀ ସମୟରେ ଚାଷୀମାନେ ପାକ୍ସ କର୍ମଚାରୀଙ୍କୁ ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପାକ୍ସ ସଭାପତି ମନୋଜ ମେର୍ଲି, ଅଶୋକ ବେହେରା, ରାମନାରାୟଣ ବ୍ରହ୍ମା, ଧୀରେନ ପଟେଲଙ୍କ ସମେତ ବହୁ ସଂଖ୍ୟକ ଚାଷୀ ବିକ୍ଷୋଭରେ ସାମିଲ ଥିଲେ । ଜିଲା ପ୍ରଶାସନରୁ କେହି ନ ଆସିବାରୁ ଚାଷୀମାନେ ପାକ୍ସ କର୍ମଚାରୀଙ୍କୁ ଛାଡି ଦେଇଥିବା ଜଣାଯାଇଛି।

ପ୍ରକାଶ ଯେ, କନ୍ଦାଜୁରୀ, କୁଟେନପାଲି ଓ ଝାରମୁଣ୍ଡା ପଞ୍ଚାୟତର ୧୦ ଖଣ୍ଡ ଗ୍ରାମକୁ ନେଇ କନ୍ଦାଜୁରୀ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗଠିତ । ୨୦୨୪-୨୫ ଆର୍ଥିକ ବର୍ଷରେ ଧାନ ବିକ୍ରି ସକାଶେ ୬୭୧ ଜଣ ଚାଷୀ ପଞ୍ଜୀକୃତ ହୋଇଥିଲେ । ସେଥିମଧ୍ୟରୁ ୬୫୪ ଜଣ ଚାଷୀ ଧାନ ବିକ୍ରି କରିଛନ୍ତି। ବିଭିନ୍ନ କାରଣରୁ ପଞ୍ଜୀକୃତ ୧୭ ଜଣ ଚାଷୀ ଧାନବିକ୍ରି ପରିପାରିନାହାନ୍ତି । ତେବେ ଚଳିତବର୍ଷ ପାକ୍ସ ପକ୍ଷରୁ ୩୦ ହଜାର ୩୮୩ କୁଇଣ୍ଟାଲ ୭୭ କେଜି ଧାନ କ୍ରୟ ହୋଇଥିବା ପାକ୍ସ ସୂତ୍ରରୁ ପ୍ରକାଶ । ତେବେ କନ୍ଦାଜୁରୀ ଗ୍ରାମର ଚାଷୀ ଦୁର୍ଗାମାଧବ ସିଂଦେଓଙ୍କ ଧାନ ବିକ୍ରି ପାଇଁ ୨୦୨୪ ଡିସେମ୍ବର ୧୯ରେ ଟୋକନ ତାରିଖ ଧାର୍ଯ୍ୟ ହୋଇଥିଲା । ସେହିଦିନ ପାକ୍ସରେ ତାଙ୍କର ୭୫ କୁଇଣ୍ଟାଲ ଧାନ ମାପ କରାଯାଇଥିଲା । ହେଲେ ସେତେବେଳେ ୩ କେଜି ଧାନ କଟ୍‌ନୀ ଛଟନୀ କରିବାକୁ କୁହାଯିବାରୁ ଦୁର୍ଗାମାଧବ ବିରୋଧ କରିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ କ୍ରୟ ହୋଇ ଗାଡିରେ ଲୋଡ ହୋଇଥିବା ଧାନକୁ ଗାଡିରୁ ଓହ୍ଲାଇ ଦିଆଯାଇଥିଲା । ସେବେଠାରୁ ସେହି ଧାନ ପାକ୍ସ ଗୋଦାମରେ ପଡି ରହିଥିଲା । ଏନେଇ ଦୁର୍ଗାମାଧବ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲା । ସୂଚନା କ୍ରମେ ଗୁରୁବାର ଜିଲାର ବିଭିନ୍ନ ଅଞ୍ଚଳର ୧୭ ଜଣ ଚାଷୀଙ୍କ ଟୋକନକୁ ପୁନଃ ଜେନେରେଟ କରାଯାଇ ସ୍ୱତନ୍ତ୍ର ଭାବେ ଧାନକ୍ରୟ କରାଯାଇଛି । ଏହିକ୍ରମରେ ଗୁରୁବାର ଦୁର୍ଗାମାଧବଙ୍କ ଧାନ କ୍ରୟ କରାଯାଇଛି।

**ରେଷ୍ଟୁରାଣ୍ଟରେ ଅଗ୍ନିକାଣ୍ଡ**

ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଢୁଲି): ସୁନ୍ଦରଗଡ଼ ସହରର ଏକ ରେଷ୍ଟୁରାଣ୍ଟରେ ଗୁରୁବାର ବିଳମ୍ବିତ ରାତିରେ ସର୍ଟଶର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ରେଷ୍ଟୁରାଣ୍ଟ ଉପର ମହଲରେ ଶୋଇଥିବା ୮ଜଣ କର୍ମଚାରୀ ବର୍ତ୍ତିଯାଇଛନ୍ତି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ସଂକ୍ଷେପରେ

### ବଡ଼ଗାଁ ସମବାୟ ସମିତିର ୫୦ତମ ସାଧାରଣ ସଭା

**ବଡ଼ଗାଁ,୨୧।୩(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ସମବାୟ ସମିତିର ୫୦ତମ ସାଧାରଣ ସଭା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ଭୁଲୁକୁ ଠେମରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସାଧାରଣ ସଭାରେ ପରିଚାଳନା ନିର୍ଦ୍ଦେଶକ ଜେନାମଣି ମହାକୁଳ, ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜର ତପନ ପ୍ରଧାନ ଯୋଗ ଦେଇଥିଲେ। ପରିଚାଳନା ନିର୍ଦ୍ଦେଶକ ମହାକୁଳ ଗତବର୍ଷର ଆୟବ୍ୟୟ ବିବରଣୀ ସହିତ ଚଳିତବର୍ଷର ଅଟକଳ ଉପରେ ସୂଚନା ପ୍ରଦାନ କରିଥିଲେ। ସମବାୟ ସମିତି ସଭ୍ୟ ଧରଣୀଧର ସା ଚାଷୀଙ୍କ ଅଂଶଧନ ଉପରେ ଲାଭାଂଶ ଦେବାକୁ ପ୍ରସ୍ତାବ ରଖିଥିଲେ। ଚାଷୀ ଜଗନ୍ନାଥ କିଷାନ ସମିତିରୁ ସମସ୍ତ ପ୍ରକାର ସାର, ବିହନ ସୁବିଧାରେ ମିଳିବା ବ୍ୟବସ୍ଥା କରିବା ଓ ସଭ୍ୟାସଭ୍ୟ ଏହାର ତଦାରଖ କରିବାକୁ କହିଥିଲେ। ସମବାୟ ସମିତିରେ ବର୍ତ୍ତମାନ ଯାଏଁ ସଭ୍ୟ ଥିବା ମୃତ ଚାଷୀଙ୍କ ନାଁ ଅପସାରଣ କରି ତାଙ୍କ ଉତ୍ତରାଧିକାରୀଙ୍କୁ ସଭ୍ୟ କରିବାକୁ ଉପାଧ୍ୟାୟ ପାଣିଗ୍ରାହୀ କହିଥିଲେ। ବରପାଲି ଗାଁର କୌଣସି ଚାଷୀ ଖିଲାପୀ ନ ଥିବାରୁ ସେହି ଗ୍ରାମକୁ ସମବାୟ ସମିତିର ଆଦର୍ଶ ଗ୍ରାମ କରିବାକୁ ସମବାୟ ସମିତିର ବରିଷ୍ଠ କର୍ମଚାରୀ ଅଭିମନ୍ୟୁ ତ୍ରିପାଠୀ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଓ ବରପାଲି ଗାଁକୁ ଆଦର୍ଶ ଗ୍ରାମ ଘୋଷଣା କରାଯାଇଥିଲା। ଏସ୍‌ଡିସିସି ବ୍ୟାଙ୍କ ମ୍ୟାନେଜର ପ୍ରଧାନ ବିଭିନ୍ନ ଯୋଜନା ଉପରେ ଚାଷୀଙ୍କୁ ଅବଗତ କରାଇଥିଲେ। ସମବାୟ ସମିତିର କର୍ମଚାରୀ ପ୍ରଦ୍ୟୁମ୍ନ ବିଶି, ଭେଷଜ ବରିହା, ସଞ୍ଜୟ କିଷାନ, ସୁମନ୍ତ ପଟେଲ, ସଞ୍ଜୟ ବେହେରା, ସୁନିଲ ସା ସହଯୋଗ କରିଥିଲେ।

### ବିଶ୍ୱ ଘରଚଟିଆ ଦିବସ ପାଳିତ

**କୁତ୍ରା,୨୧।୩(ଦେବାଶିଷ ସାହୁ):** କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ସବୁଜବାହିନୀ ତରଫରୁ ଗୁରୁବାର ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କଂକ୍ରିଟ ଜଙ୍ଗଲରେ ଘର ଖୋଜୁଛି ଘରଚଟିଆ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସବୁଜ ବାହିନୀର ବହୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ନିଜର ବିଚାର ବ୍ୟକ୍ତ କରିଥିଲେ। ଆଲୋଚନାରେ ବିଜ୍ଞାନ ବିଭାଗ ସମ୍ପାଦିକା ଦୀପିକା କେର୍କେଟା ଓ ଶିକ୍ଷକ ଡ. ବିଭୀଷଣ ବାରିକ ଘରଚଟିଆ ବିଷୟରେ ତଥ୍ୟ ପ୍ରଦାନ କରି ଏହି ଛୋଟ ଜୀବନର ସୁରକ୍ଷା କରିବାକୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଆଗେଇ ଆସିବାକୁ କହିଥିଲେ। ଧୃତିସୁନ୍ଦର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅବିନାଶ କର ଧନ୍ୟବାଦ ଅର୍ପଣ କରିଥିଲେ।



କୁତ୍ରା ବ୍ଲକ ଅନ୍ତର୍ଗତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ପୋଷ୍ଟର ଦେଖାଇ ସଚେତନ କରୁଛନ୍ତି।

# ପ୍ଲାଷ୍ଟିକ୍‌ମୁକ୍ତ ପାଇଁ ଦସ୍ତଖତ ଅଭିଯାନ

**କୁତ୍ରା,୨୧।୩(ଦେବାଶିଷ ସାହୁ)**

ବର୍ତ୍ତମାନ ପରିବେଶ ସନ୍ତୁଳନ ବ୍ୟାପକ ମାତ୍ରାରେ ବିଗିଡିବାରେ ଲାଗିଛି। ପ୍ଲାଷ୍ଟିକ୍ ଆବର୍ଜନା ପରିବେଶ ପ୍ରଦୂଷଣର ଏକ ମୁଖ୍ୟ କାରଣ ପାଲଟିଛି। ପ୍ଲାଷ୍ଟିକ୍‌ର ଅତ୍ୟଧିକ ବ୍ୟବହାର ଯୋଗୁ ଦିନକୁ ଦିନ ପରିବେଶ ପ୍ରଦୂଷଣର ମାତ୍ରା ବଢିବାରେ ଲାଗିଛି। ଏହା ପରିବେଶ ସନ୍ତୁଳନ ବିପର୍ଯ୍ୟସ୍ତ କରିବା ସହ ଜୈବ ବିବିଧତା ଉପରେ ମଧ୍ୟ କୁପ୍ରଭାବ ପକାଉଛି। ଯଦି ପ୍ଲାଷ୍ଟିକ ଆବର୍ଜନାକୁ କମ୍ କରା ନ ଯାଏ ତାହେଲେ ପୃଥିବୀର ଅସ୍ତିତ୍ୱ ସଙ୍କଟରେ ପଡ଼ିଯିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ଆଗରେ ରଖି କୁତ୍ରା ବ୍ଲକ ଅନ୍ତର୍ଗତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ କ୍ଲବ ଓ ଏନର୍ଜି କ୍ଲବ ଆନୁକୂଲ୍ୟରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ ପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଇକୋ କ୍ଲବ ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢୀ ଓ ଏନର୍ଜି କ୍ଲବ ଇନ୍‌ଚାର୍ଜ ଶିକ୍ଷକ ତୁଷାର ତାଣ୍ଡିଙ୍କ ମିଳିତ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଏହି ପ୍ରୟାସ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅମରେଶ ସାହୁ ବିଦ୍ୟାଳୟକୁ ଏକକ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛାତ୍ରୀଛାତ୍ର ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବୋଇଲଲ କିଶାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକାନ୍ତ ମାଝୀ ଯୋଗ ଦେଇଥିଲେ। ବିଦ୍ୟାଳୟକୁ ସବୁଜସୁନ୍ଦର ତଥା ପ୍ଲାଷ୍ଟିକମୁକ୍ତ କରିବା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକକ ପ୍ଲାଷ୍ଟିକକୁ ନାଁ ସନ୍ଦର୍ଭରେ ଏକ ପୋଷ୍ଟର ପ୍ରତିଯୋଗିତା ହୋଇଥିଲା। ଶେଷରେ ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତେ ସବୁଜ ଶପଥ ପାଠ କରିଥିଲେ। ପରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ସିଆରସିସି ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ରାଜଗାଙ୍ଗପୁରରେ ଶିଶୁ ବାଟିକା ଉତ୍ସବ ଆରମ୍ଭ

**ରାଜଗାଙ୍ଗପୁର, ୨୧।୩(ଅଶୋକ ପାଣି)**

ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ଅପ୍ରେଲ ୨ରେ ପ୍ରତ୍ୟେକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଶ୍ରେଣୀ ଆରମ୍ଭ ହେବାକୁ ଯାଉଛି। ଏହା ଏକ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମ। ଏହି କ୍ରମରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର ଲିପଲୋଇଠାରେ ଥିବା ଗୋପବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଶିଶୁ ବାଟିକା ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ରାଜଗାଙ୍ଗପୁର ପୌରାଧକ୍ଷା ମାଧୁରୀ ଲୁଗୁନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆହ୍ୱାନ କରିବା ସହ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷାଧିକାରୀ ସରିତା ସରୋନିଆ ଶିଶୁ ବାଟିକା ଯୋଜନାର ଉଦ୍ଦେଶ୍ୟ ବିଷୟରେ କହିଥିଲେ। କାଉନସିଲର କମଳ ମିଞ୍ଜ ଓ ସିଆର୍‌ସିସି ସସ୍ମିତା ଦେଓ ମଧ୍ୟ ବକ୍ତବ୍ୟ ରଖିଥିଲେ। ସହ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଏସ୍‌ଏମ୍‌ସି କମିଟିର ସଦସ୍ୟ, ଶିକ୍ଷାବିତ୍ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ବଡ଼ଗାଁରେ କାଳବୈଶାଖୀ ବର୍ଷା ସହ କୁଆପଥର ମାଡ଼

**ବଡ଼ଗାଁ,୨୧।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ଟାରେ ତୀବ୍ର ବେଗରେ ପବନ ବହିବା ସହ କୁଆପଥର ବର୍ଷା ହେବାରୁ ବ୍ୟାପକ କ୍ଷତି ହୋଇଛି। ଲକ୍ରାଘରା, ଟିମନା, ରୁନଗା, ପାମରା, ଉଦାରମା, ଏକମା ଆଦି ଗ୍ରାମରେ ପ୍ରବଳ ବେଗରେ ପବନ ବହିବାରୁ ଖପର ଓ ଆଜବେଷ୍ଟସ ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ପନିପରିବା ଚାଷ ନଷ୍ଟ ହୋଇଛି। ଲକ୍ରାଘରା ଗ୍ରାମର ଚର୍ଚ୍ଚ ଘର ପବନ ଓ କୁଆପଥର ମାଡ଼ରେ ଭାଙ୍ଗି ଯାଇଛି। କେତେକ ବ୍ୟକ୍ତିଙ୍କ ଘର ଆଜବେଷ୍ଟସ ଉଡ଼ାଇ ନେଇଛି। ବିଲାତି, କାକୁଡି, ଭେଣ୍ଡି, ବାଇଗଣ, ଆଦି ପନିପରିବା ଚାଷ ଓ ସୋରିଷ, ପିଆଜ ଚାଷ କ୍ଷତି ହୋଇଥିବା ସ୍ଥାନୀୟ ଚାଷୀଙ୍କ ପକ୍ଷରୁ ସୂଚନା ମିଳିଛି। ପବନ ଓ କୁଆପଥର ମାଡ଼ରେ ଆମ୍ବଚାଷ କ୍ଷତି ହୋଇଛି। କେତେକ ଗ୍ରାମରେ ୨୦୦ ଗ୍ରାମ ଓଜନର କୁଆପଥର ପଡ଼ିଥିବା ଗ୍ରାମବାସୀଙ୍କ ଠାରୁ ଜଣାପଡ଼ିଛି।

## ଦାବିପତ୍ର ପ୍ରଦାନକଲା ଭୂୟାଁ ମହାସମାଜ

**ସୁନ୍ଦରଗଡ଼,୨୧।୩(ଜୟ ନାରାୟଣ ମେଣ୍ଢୁଲି)**

ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ଏବଂ ସୁନ୍ଦରଗଡ ମେଡିକାଲ କଲେଜକୁ ମାଦ୍ରୀ କାଲୋଙ୍କ ନାମରେ ନାମିତ କରିବା ପାଇଁ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ମହାସମାଜ ସୁନ୍ଦରଗଡ ଜିଲା କେନ୍ଦ୍ରୀୟ କମିଟି ପକ୍ଷରୁ ଶୁକ୍ରବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୁନ୍ଦରଗଡର ଜନଜାତିଙ୍କୁ ଉଚିତ ସମ୍ମାନ ନ ମିଳିଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। କେନ୍ଦ୍ର ସରକାର ସ୍ୱାଧୀନତାର ଅମୃତ ମହୋତ୍ସବରେ ବୀର ମାଦ୍ରି କାଲୋଙ୍କୁ ସ୍ଥାନ ଦେଇ ସମ୍ମାନ ଦେଇଛନ୍ତି। ଏଣୁ ତୁରନ୍ତ ସୁନ୍ଦରଗଡ ଜିଲାର ଭାବାବେଗ ଓ ସ୍ୱାଭିମାନକୁ ସମ୍ମାନ ଦେଇ

**ମାଦ୍ରୀ କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି**

ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ସର୍ବଭାରତୀୟ ଅଖଣ୍ଡ ଭୂୟାଁ ସମାଜର କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ଅମାତ, ସମ୍ପାଦକ ରାମଚନ୍ଦ୍ର ଅମାତ, ଜିଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମାଝୀ, ସଙ୍ଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୁରୁ, ମଣ୍ଡଳ ସଭାପତି ପ୍ରତାପ ନାରାୟଣ ସିଂହ, ଗୋବର୍ଦ୍ଧନ ନାଏକ, କ୍ଷେତ୍ରମଣି ନାଏକ, କ୍ଷେତ୍ରମଣି ଦେହୁରୀ, ଗୌତମ କାଲୋ, ଯୋଗେଶ୍ୱର ମାଝୀ, ଭୋଜରାଜ ମାଝୀ, କୈଳାଶ ଡନସନା ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ କରିଥିବା ସମାଜର ସଦସ୍ୟ।

## ଭାଷା, ସଂସ୍କୃତି, ପରମ୍ପରା ହେଉଛି ଜାତିର ପରିଚୟ

**ରାଉରକେଲା,୨୧।୩(ସଙ୍ଗୀତା ଜେନା)**

**ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମାହାତୋଙ୍କ ଜନ୍ମବାର୍ଷିକୀ ପାଳିତ**

ମହାନ ସ୍ୱାଧୀନତା ସଂଗ୍ରାମୀ ରଘୁନାଥ ମାହାତୋଙ୍କ ୨୮୭ତମ ଜନ୍ମବାର୍ଷିକୀ କୁଡ଼ମାଳୀସାଂସ୍କୃତିକଆଖଡାରାଉରକେଲା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ସେକ୍ଟର-୫ ଭଞ୍ଜ ଭବନରେ ଶୁକ୍ରବାର ଅପରାହ୍ନ ୪ଟାରେ ଆୟୋଜିତ ହୋଇଥିଲା। ଏଥିରେ ଯୋଡାବନ୍ଧ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଭାଷାବିତ୍ ରୋହିତାଶ୍ୱ ମାହାତୋ ଅତିଥି ଭାବେ ଯୋଗଦେଇ କହିଲେ, ଭାଷା, ସଂସ୍କୃତି ଓ ପରମ୍ପରା ହେଉଛି ଜାତିର ପରିଚୟ। ସମାଜର ସଂସ୍କୃତି ଶକ୍ତିଶାଳୀ ହେଲେ ଜାତି ସେତେ ସମୃଦ୍ଧ ହୋଇଥାଏ। ଶହୀଦ ରଘୁନାଥ ମାହାତୋ ତାଙ୍କ ସ୍ୱାଧୀନତା ଏବଂ ଜାତିର ସୁରକ୍ଷା ପାଇଁ ସାରା ଜୀବନ ସଂଘର୍ଷ କରିଥିଲେ। ଏହି ସମାଜକୁ ଏପରି ସ୍ୱାଧୀନତା ସଂଗ୍ରାମୀଙ୍କଠାରୁ ପ୍ରେରିତ ହେବାକୁ ପଡ଼ିବ। ଶରୀର, ମନ ଓ ଅର୍ଥ ବଳରେ ଲଢ଼େଇ ଜାରି ରଖିବାକୁ ହେବ ବୋଲି ଅତିଥି ମାହାତୋ କହିଥିଲେ। ସେହିପରି ଚକ୍ରଧରପୁର ଜବାହାରଲାଲ ନେହେରୁ କଲେଜର କୁଡମାଳୀ ଭାଷା ବିଭାଗ ମୁଖ୍ୟ ମାନସା ମାହାତୋ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଏହି ଭାଷା ଏକ ପ୍ରାଚୀନ ଭାଷା ଅଟେ। ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ପରି ଓଡ଼ିଶାରେ ଏହି ଭାଷା ପ୍ରାଥମିକ ଶ୍ରେଣୀରୁ ବିଶ୍ୱବିଦ୍ୟାଳୟ ସ୍ତରରେ ପ୍ରଚଳନ, ଅଧ୍ୟୟନ ଏବଂ ନିଯୁକ୍ତି କ୍ଷେତ୍ରରେ ବ୍ୟବହାର କରାଯିବା ଉଚିତ। ଏଥିପାଇଁ ସଂଘର୍ଷ ଜାରି ରହିବ ବୋଲି ମାହାତୋ କହିଥିଲେ। ଲକ୍ଷ୍ମଣ ମାହାତୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ମଧୁସୂଦନ ମାହାତୋ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁଭାଷ ମାହାତୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ପ୍ରସିଦ୍ଧ ଝୁମର ଗାୟକ ସନ୍ତୋଷ ମାହାତୋ ଏବଂ ତାଙ୍କ ଦଳ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଓଡ଼ିଶା, ପଶ୍ଚିମବଙ୍ଗର କୁଡ଼ମୀ ସମ୍ପ୍ରଦାୟର ଲୋକେ ଅଂଶଗ୍ରହଣ କରିଥିଲେ। କୁନୋକାନ୍ତ ମାହାତୋ, ଧରଣୀଧର ମାହାତୋ ପ୍ରମୁଖ ସହଯୋଗ କରିଥିଲେ।



ଜନ୍ମବାର୍ଷିକୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।


ଉପଜିଲାପାଳ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

## ପାନପୋଷ ଉପଜିଲାପାଳଙ୍କ କୁଆଁରମୁଣ୍ଡା ସିଏଚ୍‌ସି ପରିଦର୍ଶନ

**କୁଆଁରମୁଣ୍ଡା,୨୧।୩(ମହେନ୍ଦ୍ର କୁମାର ସାହୁ)**

ପାନପୋଷ ଉପଜିଲାପାଳ ବିଜୟ ନାୟକ ଗୁରୁବାର କୁଆଁରମୁଣ୍ଡା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଉପଜିଲାପାଳ ନାୟକ ପ୍ରଥମେ ଅଂଶୁଘାତ ପ୍ରକୋଷ୍ଠ କେନ୍ଦ୍ର ବୁଲି ଦେଖିଥିଲେ। ଏହି କେନ୍ଦ୍ରରେ ଚଳିତ ବର୍ଷ ଏସି ଲଗାଇବା ବ୍ୟବସ୍ଥା କରାଯିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଶ୍ରୀମନ୍ତ ପଟ୍ଟନାୟକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ସ୍ତ୍ରୀ ଓ ପ୍ରସୂତି ବିଭାଗ, ଫିଜିଓଥେରାପି, ଅନ୍ତର୍ବାସ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କୁ ଦିଆଯାଉଥିବା ସାଲାଇନ, ବଟିକା ପ୍ରସ୍ତୁତି ଓ ଏକ୍ସପାଏରି ତାରିଖ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ କୁଆଁରମୁଣ୍ଡା ତହସିଲଦାର ଚନ୍ଦ୍ରଜିତ ବେହେରା, ଅତିରିକ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ରାଜସ୍ୱ ପରିଦର୍ଶକ ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହେମଗିର ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଡାକ୍ତରଙ୍କ ଯୋଗଦାନ

**ହେମଗିର,୨୧।୩(ଚୈତନ୍ୟ ପଟେଲ)**

ଅସ୍ଥିଶଲ୍ୟ ବିଶେଷଜ୍ଞ ଡା.ମନିଷ ଶର୍ମା ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଦୀପକ ପଟେଲ ହେମଗିର ଡାକ୍ତରଖାନାରେ ଯୋଗ ଦେଇଛନ୍ତି। ଫଳରେ ବହୁବର୍ଷର ଦାବି ପରେ ସୁନ୍ଦରଗଡ଼ ଜିଲା ହେମଗିର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ୍ତାହିକ ଅସ୍ଥିଶଲ୍ୟ ଏବଂ ସ୍ତ୍ରୀରୋଗ ଆଉଟଡୋର ଚିକିତ୍ସା ସେବା ଆରମ୍ଭ ହୋଇଛି। ପ୍ରତି ଶୁକ୍ରବାର ଏହି ସୁବିଧା ଡାକ୍ତରଖାନାରେ ଉପଲବ୍ଧ ହେବ। ଏହି ପରିପ୍ରେକ୍ଷୀରେ ହେମଗିର ଗ୍ରାମବାସୀ ଓ ସୁରକ୍ଷା ମଞ୍ଚର କର୍ମକର୍ତ୍ତାମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦୁଇ ଡାକ୍ତରଙ୍କୁ ସ୍ୱାଗତ ଜଣାଇଥିଲେ। ବହୁ ବର୍ଷ ଧରି ଏଠାରେ ଉକ୍ତ ପଦବୀଗୁଡ଼ିକ ଖାଲି ପଡ଼ିଥିଲା। ମହେଶ ଶତପଥୀ, ତିଳକ ସିଂ ବାବୁ, ସନ୍ତୋଷ ସିଂ, ସୁଶାନ୍ତ ରଞ୍ଜନ ପଟ୍ଟନାୟକ, ସୁରେଶ ସାହୁ, ସୁବୋଧ ସା, ତିଳକ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।



ଗ୍ରାମବାସୀ ଡାକ୍ତରଙ୍କୁ ସ୍ୱାଗତ କରୁଛନ୍ତି।

# ଜଙ୍ଗଲ ସୁରକ୍ଷା, ବନାଗ୍ନି ନିୟନ୍ତ୍ରଣ ପାଇଁ ସମ୍ମାନିତ

**ସୁନ୍ଦରଗଡ,୨୧।୩(ଜୟ ନାରାୟଣ ମେଣ୍ଢୁଲି)**

ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ସକାଳ ସାଢ଼େ ୬ଟାରେ ସ୍ଥାନୀୟ ବାଳିକା ମହାବିଦ୍ୟାଳୟ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ, ଧର୍ମଶାଳା ଉଚ୍ଚ ବିଦ୍ୟାଳୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନଙ୍କୁ ନେଇ ପରିବେଶ, ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାର ବାର୍ତ୍ତା ଦେଇ ଏକ ରାଲି ସହର ପରିକ୍ରମା କରିଥିଲା। ଏହି ରାଲିକୁ ବନଖଣ୍ଡ ଅଧିକାରୀ ମିରାସେ ଶୁଭାରମ୍ଭ କରିଥିଲେ। ପରେ ବନଖଣ୍ଡ ଅଧିକାରୀ ମିରାସେଙ୍କ ଅଧ୍ୟକ୍ଷତାରେ ବନଖଣ୍ଡ କାର୍ଯ୍ୟାଳୟର ସଭାଗୃହଠାରେ ଏକ ସାଧାରଣ ସଭା କରାଯାଇଥିଲା। ଏଥିରେ ଜିଲା ଅଗ୍ନିଶମ ଅଧିକାରୀ ଅଜୟ କୁମାର ବରାଡ଼, ଜିଲା ସହକାରୀ ଚିକିତ୍ସା ଅଧିକାରୀ ଡ. ଭକ୍ତ ମୋହନ ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ସହକାରୀ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ଡ. ସଙ୍ଗୀତାରାଣୀ ଭୂପତି, ସହକାରୀ ବନ ସଂରକ୍ଷକ ରମେଶ କୁମାର ବିଶୋଇ, ସହକାରୀ ବନ ସଂରକ୍ଷକ ରାଜ କୁମାର ସେଠୀ, ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।


ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତା ରାଲି।

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ**

ଅନ୍ତିମ ପର୍ଯ୍ୟାୟରେ ବନୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ସୁନ୍ଦରଗଡ ଉପଖଣ୍ଡର ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ବଣାଇ ଉପଖଣ୍ଡର ଅବୋଧ କୁମାର ନୋଡାଲ ଉଚ୍ଚ ବିଦ୍ୟାଳୟ ଏବଂ ପାନପୋଷ ଉପଖଣ୍ଡର ଜାଗୃତି ଉଚ୍ଚ ବିଦ୍ୟାଳୟକୁ ମାନପତ୍ର, ଉତ୍ତରୀୟ ସହିତ ୧୦,୦୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସମାନ୍ତରାଳ ଭାବେ ସୁନ୍ଦରଗଡ଼ ଉପଖଣ୍ଡର ସାଗଜୋରି ଗ୍ରାମପଞ୍ଚାୟତ, ବଣାଇ ଉପଖଣ୍ଡର କେନ୍ଦ୍ରିକେଲା ଗ୍ରାମପଞ୍ଚାୟତ ଏବଂ ପାନପୋଷ ଉପଖଣ୍ଡର ଜଡକୁଦର ଗ୍ରାମପଞ୍ଚାୟତକୁ ମାନପତ୍ର, ଉତ୍ତରୀୟ ସହିତ ୨୦,୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ମାନିତ କରାଯାଇଥିଲା। ବନ୍ୟଜନ୍ତୁ ସୁରକ୍ଷା ଏବଂ ବିଭାଗୀୟ ଉତ୍ତମ ସମନ୍ୱୟ ରକ୍ଷା ପାଇଁ କିଞ୍ଜିରିକେଲା ଥାନାର ସହକାରୀ ପୋଲିସ ଅଧିକାରୀ ବନିଶାଣ ନାଏକଙ୍କୁ ମାନପତ୍ର, ଉତ୍ତରୀୟ ସହିତ ସମ୍ମାନିତ କରାଯାଇଥିଲା। ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ଏବଂ ବନାଗ୍ନି ନିୟନ୍ତ୍ରଣ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ଉଜ୍ଜ୍ୱଳପୁର, ଲେଫ୍ରିପଡ଼ା, ହେମଗିର ଏବଂ ଗୋପାଳପୁର ବନାଞ୍ଚଳର ସୁରକ୍ଷାକର୍ମୀ ମାଣଟୁ କୁଜୁର, ସୁବିର ମିଞ୍ଜ, ସୁଧୀର କୁମାର ମୈତ୍ରୀ ଏବଂ ଦୁର୍ଗା ସେନାପତି ଏବଂ ବନରକ୍ଷୀ ଅନୁସୂୟା ସେଠ ଓ ତ୍ରିଦେବୀ ଜୟପୁରିଆଙ୍କୁ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ସେହିପରି ଶୀତଋତୁରେ ପକ୍ଷୀ ଗଣନା କାର୍ଯ୍ୟରେ ନିଷ୍ଠାପରତାର ସହିତ କାର୍ଯ୍ୟ ସମ୍ପାଦନ ନିମନ୍ତେ ବନପାଳ ରାଜୀବଲୋଚନ ପଟେଲ, ଉଲ୍ଲାସ କୁମାର ପଟେଲ ଏବଂ ବନରକ୍ଷୀ କିରଣ ମହାନନ୍ଦ ଏବଂ କୁମାରୀ ରଜନୀ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସହକାରୀ ବନ ସଂରକ୍ଷକ ମାନସ କୁମାର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ଗୋପାଳପୁର ହରିହର ପାତ୍ର, ବନାଞ୍ଚଳ ଅଧିକାରୀ ଉଜ୍ଜ୍ୱଳପୁର ଦେବଦତ୍ତ ନନ୍ଦ, ବନାଞ୍ଚଳ ଅଧିକାରୀ ବଡଗାଁ ପ୍ରଦୀପ ଭୂତିଆ, ବନାଞ୍ଚଳ ଅଧିକାରୀ ଲେଫ୍ରିପଡ଼ା ଅଶ୍ୱିନୀ କୁମାର ପଟେଲ, ବନାଞ୍ଚଳ ଅଧିକାରୀ ହେମଗିରି ପ୍ରକାଶ କୁମାର ନାଏକ, ବନାଞ୍ଚଳ ଅଧିକାରୀ ସୁନ୍ଦରଗଡ଼ ଉମାଶଙ୍କର ନାୟକ ପରିଚାଳନା କରିଥିଲେ ।

# ବିଶୃଙ୍ଖଳିତ ଶିକ୍ଷକଙ୍କୁ ତୁରନ୍ତ ବଦଳି କର

**ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ଦେବଗଡ଼,୨୧।୩

(ଶଶାଙ୍କ ଶେଖର ଝାଙ୍କର)

ଧାର୍ଯ୍ୟ ସମୟରୁ ଢେର ବିଳମ୍ବରେ ବିଦ୍ୟାଳୟକୁ ଆସୁଛନ୍ତି ଶିକ୍ଷକ। କେବଳ ଏତିକି ନୁହେଁ, ପାନ ଓ ଗୁଟଖା ଖାଇ ଶ୍ରେଣୀ କକ୍ଷରେ ଛେପ ପକାଇବା ସହ ପାଠ ପଢାଇବା ବେଳେ ଛାତ୍ରୀଛାତ୍ରମାନଙ୍କୁ ବାଡିରେ ପିଟୁଛନ୍ତି। ପାଠପଢା ସମୟରେ ଶ୍ରେଣୀ କୋଠରୀରେ ମୋବାଇଲ ଦେଖୁଛନ୍ତି। ଛାତ୍ରୀମାନଙ୍କୁ ମଧ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଦେବଗଡ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଗୁଣ୍ଡେଇମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ଏଭଳି ଅନେକ ପ୍ରକାର ବିଶୃଙ୍ଖଳିତ ଆଚରଣ ସତ୍ତ୍ୱେ ସମ୍ପୃକ୍ତ ବିଶୃଙ୍ଖଳିତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଗ୍ରାମବାସୀ ଓ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଶୁକ୍ରବାର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଦିଲୀପ ନାୟକଙ୍କ ନେତୃତ୍ୱରେ ଗ୍ରାମବାସୀ, ଅଭିଭାବକ ଓ ପରିଚାଳନା ସମିତି ସଦସ୍ୟାସଦସ୍ୟ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ତାଙ୍କୁ ସାକ୍ଷାତ କରିବା ସହ ବିଶୃଙ୍ଖଳିତ ଶିକ୍ଷକଙ୍କୁ ତୁରନ୍ତ ବଦଳି ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ସମ୍ପୃକ୍ତ ଶିକ୍ଷକଙ୍କ ଏତାଦୃଶ ଆଚରଣ ଜାରି ରହିଥିବା ବେଳେ ଏଭଳି ଆଚରଣରୁ କ୍ଷାନ୍ତ ହେବା ନିମନ୍ତେ ଉକ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଜିତ କୁମାର ପାତ୍ର ଏକାଧିକ ବାର ଚେତାବନୀ ଦେଇଥିଲେ। ଏହା ସତ୍ତ୍ୱେ ଆଚରଣରେ କୌଣସି ସୁଧାର ନ ଆସିବାରୁ ପ୍ରଦାନ ଶିକ୍ଷକ ପାତ୍ର ଏ ନେଇ ଗତ ଫେବୃଆରୀ ୨୧ ତାରିଖରେ ପତ୍ର ସଂଖ୍ୟା-୬୦୩/ ତା ୨୧-୨-୨୦୨୫ରେ ଲିଖିତ ଭାବେ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଆଧାରରେ ଜିଲା ଶିକ୍ଷା ଅଧିକାରୀ ଅଭିଯୋଗର ତଦନ୍ତ ପାଇଁ ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ଗତ ୫ ତାରିଖରେ ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ଓ ସୁଶାନ୍ତ କୁମାର ସାହୁ, ତିଲେଇବଣି କ୍ଲଷ୍ଟର ସିଆର୍‌ସିସି ଅଶୋକ କୁମାର ସାହୁ ଓ ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କ ବୟାନ ଆଧାରରେ ଘଟଣା ତଦନ୍ତ କରିଥିଲେ। ସେହିପରି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପ୍ରଦାନ ଶିକ୍ଷକ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ସତ୍ୟ ବୋଲି ଦର୍ଶାଇ ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଗ୍ରାମବାସୀ ଶୁକ୍ରବାର ବାଧ ହୋଇ ପୁଣିଥରେ ଜିଲା ଶିକ୍ଷା ଅଶଧିକାରୀଙ୍କ ଦ୍ୱାରସ୍ଥ ହେବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଥିଲେ। ଅନ୍ୟଥା ସେମାନେ ପିଲାଙ୍କୁ ଆଉ ବିଦ୍ୟାଳୟକୁ ଛାଡିବେ ନାହିଁ ବୋଲି ୬୪ଜଣ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମାଧମରେ ଲିଖିତ ଚେତାବନୀ ଦେଇଥିବା ଜଣାପଡିଛି।


ଗ୍ରାମବାସୀ ଜିଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ୨୬ରେ ଭୁବନେଶ୍ୱର ଯିବେ ଜିଲାର ଶତାଧିକ ସଦସ୍ୟା ସଦସ୍ୟ

**ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘର କଳାବ୍ୟାଜ ପରିଧାନ ଶେଷ**

ଦେବଗଡ଼,୨୧।୩

(ଶଶାଙ୍କ ଶେଖର ଝାଙ୍କର)

ଛଟେଇ ହୋଇଥିବା ବାହ୍ୟ ଠିକା କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି, ସମାନ କାମକୁ ସମାନ ଦରମା ଏବଂ ବାହ୍ୟ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦାବିରେ ଶୁକ୍ରବାର ଓଡିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଦେବଗଡ଼ ଶାଖା ପକ୍ଷରୁ କଳାବ୍ୟାଜ ପରିଧାନ ଶେଷ ହୋଇଛି। ତେବେ ଆଗାମୀ ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଲୋୱର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ହେବାକୁ ଥିବା ଧାରଣା ପାଇଁ ସଜବାଜ ଆରମ୍ଭ ହୋଇଛି। ଏହି ଧାରଣାରେ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଦେବଗଡ ଶାଖାର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟାସଦସ୍ୟ ଅଂଶଗ୍ରହଣ କରିବେ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଉପରୋକ୍ତ ୩ ଦଫା ଦାବିରେ ଦେବଗଡ ଜିଲାରେ ୨୯ଟି ବିଭାଗରେ କାର୍ଯ୍ୟରତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ସରକାରୀ ଆଉଟସୋର୍ସିଂ କର୍ମଚାରୀ ଗତ ୧୭ ତାରିଖଠାରୁ ଜିଲା ସଦର ମହକୁମା ସମେତ ଜିଲାର ୩ଟି ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ କଳାବ୍ୟାଜ ପରିଧାନ କରି ସାଙ୍କେତିକ ଆନ୍ଦୋଳନ ଚଲାଇବା ସହ ଶାନ୍ତିପୂର୍ଣ୍ଣ ଭାବେ ନିଜର କାର୍ଯ୍ୟ ସମ୍ପାଦକ କରୁଥିଲେ। ସେହିପରି ଶୁକ୍ରବାର ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚଲାଇବାକୁ ନିଷ୍ପତ୍ତି ନେବା ସହ ୨୨ ତାରିଖ ମଧ୍ୟରେ ଉପରୋକ୍ତ ୩ ଦଫା ଦାବି ପୂରଣ ନ ହେଲେ ୨୬ ତାରିଖରେ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୱର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସରକାରଙ୍କୁ ଲିଖିତ ଚେତାବନୀ ଦେଇଥିଲେ।

# ଅଧିକ କର୍ମୀ ସାମିଲ ହେବାକୁ ଦଳୀୟ ନେତାଙ୍କ ଆହ୍ୱାନ


ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**୨୭ରେ କଂଗ୍ରେସର ବିଧାନସଭା ଘେରାଉ ସଜବାଜ**

ଦେବଗଡ଼,୨୧।୩

(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟ ସରକାରଙ୍କ ମନମୁଖୀ ଶାସନରେ ମହିଳାଙ୍କ ପ୍ରତି ଦେଖାଯାଇଥିବା ଅତ୍ୟାଚାର, ବିଧାନସଭା ମଧ୍ୟରେ କଂଗ୍ରେସ ବିଧାୟକଙ୍କୁ ଆକ୍ରମଣ ଓ ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀ ପତିଙ୍କୁ ନିଲମ୍ବନ ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରାଯିବ। ଏଥିରେ ଜିଲା କଂଗ୍ରେସର ଅଧିକରୁ ଅଧିକ କର୍ମୀ ଯୋଗଦେବା ପାଇଁ ଦେବଗଡ଼ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଜିଲା ସଭାପତି ସେମ ହେମ୍ବ୍ରାମଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ପ୍ରବକ୍ତା ମନୋଜ କୁମାର ବିଶ୍ୱାଳ ଓ ବଲବିର ସିଂ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ରାଜ୍ୟର ମୋହନ ସରକାରଙ୍କ ଏକଛତ୍ରବାଦୀ ଶାସନକୁ ତୀବ୍ର ସମଲୋଚନା କରିବା ସହ ମହିଳାଙ୍କୁ ସୁରକ୍ଷା ଓ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବି କରିବା ମିଥ୍ୟା ପ୍ରତିଶ୍ରୁତି ଦେଇ ଶାସନ ଗଦିରେ ବସିଥିବା ସରକାରଙ୍କ ୮ମାସର କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ରାଜ୍ୟରେ ମହିଳା ଅସୁରକ୍ଷିତ ହୋଇପଡିଥିବା ଅଭିଯୋଗ କରାଯାଇଛି। ରାଜ୍ୟ ସରକାରଙ୍କ ଏକ ଛତ୍ରବାଦୀ ଶାସନ ବିରୋଧରେ କଂଗ୍ରେସର ଛାତ୍ର, ଯୁବ, ମହିଳା, କୃଷକ ସମେତ ସମସ୍ତ ସେଲର ଦଳୀୟ ନେତା ଓ କର୍ମୀ ଏକତ୍ରିତ ହୋଇ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ମଞ୍ଜୁଳ ନାଏକ, ରେବତୀ ମୋହନ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ଶ୍ରୀତମ ସାହୁ, ମିନତୀ ନାଏକ, ଲିତା ଆଚାର୍ଯ୍ୟ, ଆନନ୍ଦ କୁଲାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ଲଇମୁରା ଥାନାରେ ରକ୍ତଦାନ ଶିବିର

**ଦେବଗଡ଼, ୨୧।୩ (ଶଶାଙ୍କ ଶେଖର ଝାଙ୍କର):** ଦେବଗଡ଼ ଜିଲା ଲଇମୁରା ଥାନାରେ ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲଇମୁରା ଥାନା ଅଧିକାରୀ ପଙ୍କଜ ମାଝି ଏହି ଶିବିର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ମୋଟ ୨୦ଜଣ ପୋଲିସ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାନ ଶିବିର ପରିଚାଳନାରେ ଦେବଗଡ଼ ଜିଲା ରକ୍ତ ଭଣ୍ଡାର ଓ ଲଇମୁରା ଥାନାର ବହୁ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଝାରସୁଗୁଡ଼ା, ୨୧।୩ (ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ା ପୌର ପରିଷଦ ଅନ୍ତର୍ଗତ ସାରସମାଲ କଲୋନୀ ପଡା ୱାର୍ଡ ନମ୍ବର ୩ରେ ପବିତ୍ର ଆତ୍ମା ସେବିକା ସଂଘ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ସାମୂହିକ ସମସ୍ୟା ଯୋଗୁ ଅନ୍ତର୍ଜାତୀୟ ମହିଳା ଦିବସ ଦିନ ପାଳନ କରି ନ ପାରିବାରୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାଳନ କରାଯାଇଛି। ପବିତ୍ର ଆତ୍ମା ସେବିକା ସଂଘ ମୁଖ୍ୟ କର୍ମକର୍ତ୍ତା ମାଇକେଲ ସିଂ, ରାଜେଶ୍ୱରୀ ଓ ଇଲିଶାଙ୍କ ନେତୃତ୍ୱରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ପୌର ପରିଷଦ ଉପାଧ୍ୟକ୍ଷ ବେଣୁଗୋପାଳ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ମହିଳାମାନେ ଅନ୍ତର୍ଜାତୀୟସ୍ତରରେ ନାମ କମାଇ ଭାରତର ଟେକ ରଖୁଛନ୍ତି ବୋଲି କହିଥିଲେ। ସାମାଜିକ କର୍ମୀ ପିଣ୍ଟୁ ପଣ୍ଡା ଏବଂ ସାରସମାଲ ୱାର୍ଡ ନମ୍ବର ୩ର ବହୁ ମହିଳା ଓ ସେବିକା ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ଦେବା ଉପରେ ଗୁରୁତ୍ୱ

**ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ**

ଦେବଗଡ଼,୨୧।୩

(ଶଶାଙ୍କ ଶେଖର ଝାଙ୍କର)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ବ୍ୟାରାକ୍ ପରିସରରେ ଶୁକ୍ରବାର ବନଖଣ୍ଡସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋଙ୍କ ସଭାପତିତ୍ୱ ଏବଂ ଅତିରିକ୍ତ ବନ ସଂରକ୍ଷିକା ସ୍ୱାଧୀନତା ସାହାଣୀଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ଦେବଗଡ ଜିଲା ପ୍ରତିନିଧି ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ରିଆମାଳ ବ୍ଲକ ଅଧକ୍ଷ ମଧୁସୂଦନ ସାହୁ ଓ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଲଳିତ ମୋହନ ସାହୁ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଜୀବଜଗତ ଏବଂ ପରିବେଶ ସୁରକ୍ଷା କ୍ଷେତ୍ରରେ ଜଙ୍ଗଲର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସେହିପରି କେବଳ ବନ ବିଭାଗ ଚାହିଁଲେ ଜଙ୍ଗଲକୁ ସୁରକ୍ଷା ଦେଇପାରିବ ନାହିଁ ବୋଲି ପ୍ରକାଶ କରିବା ସହ ଦେବଗଡ଼ ଜିଲାର ଚତୁର୍ଦ୍ଦିଗରେ ଜଙ୍ଗଲ ଘେରି ରହିଥିବାରୁ ଭବିଷ୍ୟତ ପିଢି ପାଇଁ ଏହାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ବନଖଣ୍ଡ ଅଧିକାରୀ ରାଓସୋ ପ୍ରକାଶ କରିଥିଲେ। ଏହି ଅବସରରେ ବୃକ୍ଷ ରୋପଣ ଏବଂ ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଗ୍ରାମପଞ୍ଚାୟତ ସମେତ ବନ କର୍ମଚାରୀମାନଙ୍କୁ ମାନପତ୍ର ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବନ ବିଭାଗ ଅଧୀନରେ କାର୍ଯ୍ୟରତ ଶତାଧିକ ଗଜସାଥୀଙ୍କୁ ସେଫ୍ଟି କିଟ୍ ପ୍ରଦାନ କରାଯାଇଥିଲା। ଶେଷରେ ଅନ୍ୟତମ ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେବଗଡ ବନକଣ୍ଡ ଅଧୀନ ଦେବଗଡ଼, ରିଆମାଳ, ବାରକୋଟ, ପାଲଲହଡା ଓ ଖମାର ଆଦି ବନାଞ୍ଚଳର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।


ଜଣେ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଆନ୍ତଃ କ୍ଲବ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

**ଝାରସୁଗୁଡ଼ା,୨୧।୩ (ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନ ୪ଟାରେ ୨ୟ ଓଏସଏପି ଷ୍ଟାଡିୟମରେ ଆନ୍ତଃ କ୍ଲବ କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଝାରସୁଗୁଡ଼ା ୨ୟ ଓଏସଏପି ମୁଖ୍ୟ ଦୁର୍ଗପତି ପ୍ରଶାନ୍ତ ତମଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି। ପ୍ରଥମ ମ୍ୟାଚ ପ୍ରଗତି କ୍ଲବ (ରେଲୱେ) ଓ ୨ୟ ଓଏସଏପି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଗତି କ୍ଲବ (ରେଲୱେ) ୨-୦ ଗୋଲରେ ବିଜୟୀ ହୋଇଥିଲା।

## ହନୁମାନ ମନ୍ଦିରର ରତ୍ନମୁଦ

**ଝାରସୁଗୁଡ଼ା, ୨୧।୩ (ଆଶିଷ ରଞ୍ଜନ ଦାଶ):** ଝାରସୁଗୁଡା ଜିଲା ଲଇକେରା ବ୍ଲକ ଭୁଲିଆଡିହି ଗ୍ରାମରେ ହନୁମାନ ମନ୍ଦିର ରତ୍ନମୁଦ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ କିଶୋର ମେହେର ଓ ତାଙ୍କ ସ୍ତ୍ରୀ କାର୍ଯ୍ୟ ତୁଲାଇଥିବା ବେଳେ ଭବାନୀଶଙ୍କର ମେହେର, ପବିତ୍ର ମେହେର, କୁନା ମେହେର ମେହେର, ସୁଶାନ୍ତ ମେହେର, ପ୍ରଦିପ ମେହେର ତଥା ଗ୍ରାମର ସମସ୍ତେ ଉପସ୍ଥିତ ଥିଲେ। ବିଜୟ ମିଶ୍ର ମୁଖ୍ୟ ପୂଜକ ଓ ବିଷ୍ଣୁ ପୂଝାରୀ ସହଯୋଗ କରିଥିଲେ।

# ଶିଶୁ ବାଟିକା, ପ୍ରଥମ ଶ୍ରେଣୀରେ ନାମ ଲେଖା ପାଇଁ ନିମନ୍ତ୍ରଣପତ୍ର ବଣ୍ଟନ


ନାମ ଲେଖା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା,୨୧।୩

(ଆଶିଷ ରଞ୍ଜନ ଦାଶ)

ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ୫ ବର୍ଷ ବୟସ ଅଧିକ ପିଲାଙ୍କୁ ଶିଶୁ ବାଟିକା ଓ ୬ ବର୍ଷ ବୟସ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ଏପ୍ରେଲ ୨ରୁ ୫ ତାରିଖରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ରାଜ୍ୟବ୍ୟାପୀ ଆୟୋଜନ କରାଯାଇଛି। ନିର୍ଦ୍ଧାରିତ ବୟସର ସମସ୍ତ ପିଲାମାନଙ୍କ ନାମ ଲେଖା ପାଇଁ ସଚେତନତା ସୃଷ୍ଟି ପାଇଁ ଝାରସୁଗୁଡା ଶିକ୍ଷା ବିଭାଗ ସମସ୍ତ ଅଧିକାରୀ ଘରକୁ ଘର ବୁଲି ଅଭିଭାବକ ଓ ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଦ୍ୱାରା ବିଦ୍ୟାଳୟ ପରିଚାଳନା କମିଟି, ପିତାମାତା, ଅଭିଭାବକ ଓ ଗୋଷ୍ଠୀ ମଧ୍ୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଇ ବୟସ ସମ୍ବନ୍ଧରେ ସଚେତନତା ସୃଷ୍ଟି କରୁଛି। ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ସା ଏବଂ ସୁଶାନ୍ତ କୁମାର ଘୁଟା ଜିଲାର ବିଭିନ୍ନ ଘରକୁ ଯାଇ ଅଭିଭାବକ ତଥା ଶିଶୁମାନଙ୍କୁ ନିମନ୍ତ୍ରଣପତ୍ର ବଣ୍ଟନ କରିଥିଲେ।

# ବିଶ୍ୱ ଜଙ୍ଗଲ ଦିବସ ପାଳିତ

ଝାରସୁଗୁଡ଼ା,୨୧।୩

(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବାଗଡ଼ିହି ବନାଞ୍ଚଳ ପକ୍ଷରୁ ବାବୁଛିପିଡ଼ିହି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ବିଶ୍ୱ ଜଙ୍ଗଲ ଦିବସ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ପାଳିତ ହୋଇଯାଇଛି। ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପସାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲ ଏବଂ ଖାଦ୍ୟ ଉପରେ ବନାଞ୍ଚଳ ଅଧିକାରୀ ଏବଂ ବାବୁଛିପିଡ଼ିହି ହାଇସ୍କୁଲ ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ପରିପ୍ରେକ୍ଷୀରେଏକକୁଇଜପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ପଞ୍ଚାୟତ ହାଇସ୍କୁଲ ବାବୁଛିପିଡ଼ିହିର ଶିକ୍ଷୟିତ୍ରୀଶିକ୍ଷକ ମଳୟ ବସନ୍ତ ଜୟପୁରୀଆ, ଅକ୍ଷୟ କୁମାର ପୋଢ଼, କଲ୍ୟାଣି ପ୍ରଧାନ, ବିଷ୍ଣୁ ଚରଣ ମହାପାତ୍ର, ରମେଶ ଚନ୍ଦ୍ର ପଟେଲ, ଖୁଲିଆ ଛତ୍ରିଆଙ୍କ ସହିତ ଗୁରୁଚରଣ ଖର୍ସେଲ ଏବଂ ମଣ୍ଟୁ ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବାଗଡ଼ିହି ବନାଞ୍ଚଳର ଟିମ ଲିଡ଼ର ଚୁଡାମଣି ବେହେରା, ଡିଓ ଭକ୍ତି ଜେନା, ସତ୍ୟସ୍ମିତା ବେହେରା, ଫରେଷ୍ଟ ଗାର୍ଡ ସତ୍ୟବ୍ରତ ସାହୁ ଏବଂ ରାଜକିଶୋର ପାଣିଗ୍ରାହୀ ସହଯୋଗ କରିଥିଲେ।

# ରକ୍ତଭଣ୍ଡାରରେ ମିଳୁନି ଆବଶ୍ୟକ ରକ୍ତ

- ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ଖତ ଖାଉଛି
- ଦୈନିକ ୪୦ରୁ ୪୫ ୟୁନିଟ୍ ରକ୍ତ ଆବଶ୍ୟକ



ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ପଡ଼ିରହିଛି।

ଝାରସୁଗୁଡ଼ା,୨୧।୩

(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏଠାରେ ଦୈନିକ ୪୦ରୁ ୪୫ ୟୁନିଟ ରକ୍ତ ଆବଶ୍ୟକ ପଡୁଥିବା ବେଳେ ମହଜୁଦ ରହିଛି ମାତ୍ର ୧୦ ୟୁନିଟ ରକ୍ତ। ସହଜ ଗ୍ରୁପ୍‌ର ରକ୍ତ ଉପଲବ୍ଧ ଥିବାବେଳେ ବିରଳ ଗ୍ରୁପ୍‌ର ରକ୍ତ ଶୂନ୍ୟ ରହିଛି। ଝାରସୁଗୁଡ଼ା ଜିଲାରେ ଶିଳ୍ପ ଅନୁଷ୍ଠାନ ବଢ଼ି ଚାଲିଥିବା ବେଳେ ସେହି କ୍ରମରେ ଲୋକଙ୍କ ମଧ୍ୟରେ ରକ୍ତ ଅଭାବ ମଧ ବଢ଼ି ଚାଲିଛି। ରକ୍ତ ଅଭାବ ଏପରି ସ୍ଥିତି ସୃଷ୍ଟି କରିଛି ଯେ ଜିଲା ରକ୍ତ ଭଣ୍ଡାରରେ ମାତ୍ର ୧୦ ୟୁନିଟ ରକ୍ତ ମହଜୁଦ ରହିଛି। ୨୦୨୩ରେ ମୋଟ ୮୩୮ ୟୁନିଟ ସଂଗ୍ରହ ଏବଂ ୨୦୨୪ରେ ମୋଟ ୯୦୦୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ୨୦୨୫ ଫେବୃଆରୀ ସୁଦ୍ଧା ମାତ୍ର ୧୦୯୬ ୟୁନିଟ ସଂଗ୍ରହ କରାଯାଇଛି। ପୂର୍ବ ସ୍ଥିତିକୁ ଦେଖିଲେ ଚଳିତବର୍ଷ ଫେବୃଆରୀ ପର୍ଯ୍ୟନ୍ତ ହୋଇଥିବା ରକ୍ତ ସଂଗ୍ରହ ଅତି ନ୍ୟୂନ ରହିଛି। ଜିଲାରେ ପ୍ରତିଦିନ ପ୍ରସୁତି, ଥାଲାସେମିଆ, ଡାଇଲିସିସ, ସିକିଲ ସେଲ ରୋଗୀ ଓ ଦୁର୍ଘଟଣଗ୍ରସ୍ତ ରୋଗୀଙ୍କ ପାଇଁ ୪୦ରୁ ୪୫ ୟୁନିଟ ରକ୍ତ ଆବଶ୍ୟକ ହୋଇଥାଏ। ରକ୍ତ ଅଭାବ ପୂରଣ ପାଇଁ ଝାରସୁଗୁଡ଼ା ଜିଲାରେ ସରକାରଙ୍କ ପକ୍ଷରୁ ଏକ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ଦିଆଯାଇଛି। ଉପଯୁକ୍ତ ପରିଚାଳନା ଅଭାବରୁ ରକ୍ତ ସଂଗ୍ରହ ଗାଡ଼ି ଖତ ଖାଉଛି। ସେହି ଗାଡ଼ିକୁ ସହରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଗଲେ ରକ୍ତଦାତାମାନେ ସ୍ୱୟଂ ଆସି ରକ୍ତ ଦାନ କରି ପାରନ୍ତେ। ସେହିପରି ଗତବର୍ଷରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ହେଉଥିଲା, ମାତ୍ର ରକ୍ତଦାତାମାନେ ନିଜ ପାଇଁ ଠିକ ସମୟରେ ରକ୍ତ ନ ମିଳିବାରୁ ରକ୍ତଦାନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜିଲା ରକ୍ତ ଭଣ୍ଡାର ସହରଠାରୁ ଦୂରରେ ଥିବାରୁ ରକ୍ତଦାତାମାନେ ମଧ ସେଠାକୁ ଯିବା ପାଇଁ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଯେଉଁଭଳି ଭାବେ ବିଭିନ୍ନ ବିଷୟ ନେଇ ଜିଲା ପ୍ରଶାସନ ପକ୍ଷରୁ ଶିଳ୍ପାନୁଷ୍ଠାନ ସହିତ ବୈଠକ କରାଯାଇ ଥାଏ, ସେହିପରି ରକ୍ତ ଅଭାବ ଦୂର କରିବା ପାଇଁ ଶିଳ୍ପାନୁଷ୍ଠାନ ସହିତ ବୈଠକ କରିବାର ଆବଶ୍ୟକତା ରହିଛି। ଆଗକୁ ଖରାଦିନ ଆସୁଥିବାରୁ ଏହି ସମସ୍ୟା ଆହୁରି ଉତ୍କଟ ରୂପ ନେବ ବୋଲି ସାମାଜିକ କର୍ମୀମାନେ ମତ ଦେଇଛନ୍ତି। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକତା ରହିଛି। ତତ୍‌ସହିତ ସହର ମଧ୍ୟରେ ଏକ ରକ୍ତଦାନ କେନ୍ଦ୍ର କରିବା ପାଇଁ ଦାବି ହେଉଛି। ରକ୍ତଦାନ ଶିବିର ଅଭାବରୁ ରକ୍ତ ଭଣ୍ଡାରରେ ରକ୍ତ ଅଭାବ ରହୁଥିବା ବିଭାଗୀୟ ଡାକ୍ତର ଶିଲୱାନ୍ତି ଜୋଜୋ ସୂଚନା ଦେବା ସହିତ ସମସ୍ତେ ରକ୍ତଦାନ କରିବା ପାଇଁ ଆଗେଇ ଆସିବା ପାଇଁ ସେ ନିବେଦନ କରିଛନ୍ତି।

# ଜିଲା ପ୍ରଶାସନ, ରାଜନୈତିକ ଦଳର ବୈଠକ

ଝାରସୁଗୁଡ଼ା,୨୧।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ଜିଲା ଖଣିଜ ପାଣ୍ଠି ସଭା ଗୃହରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବୁଥସ୍ତରୀୟ ଏଜେଣ୍ଟ ମନୋନୀତ ପାଇଁ ଜିଲା ପ୍ରଶାସନ, ରାଜନୈତିକ ଦଳର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁନୀଲ ଆବୋଲି ନାରାୱାଣେଙ୍କ ଅଧକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳ ଭାଜପା, ବିଜେଡି, କଂଗ୍ରେସ, ବିଏସପି ଦଳର ଜିଲା ସଭାପତି ଓ ସଭ୍ୟମାନେ ଯୋଗଦେଇଥିଲେ। କିପରି ନିର୍ଭୁଲ ଓ ଶତ ପ୍ରତିଶତ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇ ପାରିବେ ତାର ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମ ଠିକ ହିସାବରେ ରୂପାୟନ କରିବା ପାଇଁ ଜିଲାପାଳ ରାଜନୈତିକ ଦଳର ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବହୁ ଅଧିକାରୀ ଉପସ୍ଥିତ ଥିଲେ।

**ବିଳାସପୁର ପ୍ରାଣୀମିତ୍ରଙ୍କ ବିୟୋଗ**

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଅନ୍ତର୍ଗତ ବିଳାସପୁରର ପ୍ରାଣୀମିତ୍ର ରୋହିତ ଭୋଇଙ୍କ ୪୦ବର୍ଷ ବୟସରେ ହୃଦ୍‌ଘାତରେ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଗୁରୁବାର ଭୁବନେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଆଠଗଡଠାରେ ହଠାତ୍ ହୃଦ୍‌ଘାତ ହେବାରୁ ଭୋଇଙ୍କ ପରଲୋକ ଘଟିଥିଲା। ତାଙ୍କର ଅନ୍ତିମ ଦର୍ଶନ ପାଇଁ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦାନ କରି ଶେଷଦର୍ଶନ କରିଥିଲେ। ମୃତ ରୋହିତଙ୍କ ଏକମାତ୍ର ପୁତ୍ର ଦୁଷ୍ମନ୍ତ ଭୋଇ ମୁଖାଗ୍ନି ଦେଇଥିଲେ।

**ସଂକ୍ଷେପରେ**

## ସୂର୍ଯ୍ୟବଂଶୀଙ୍କ କୁଶ ପୁତ୍ତଳିକା ଦାହ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗାନ୍ଧିଛକରେ ଶୁକ୍ରବାର ସନ୍ଧ୍ୟାରେ କୋଶଳ ସେନା ପକ୍ଷରୁ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ସୂର୍ଯ୍ୟବଂଶୀ କୋଶଲି, ସମ୍ବଲପୁରୀକୁ ରାଜ୍ୟ ଭାଷାର ମାନ୍ୟତା ଦେବା ନେଇ କୌଣସି ପ୍ରସ୍ତାବ ନଥିବା ନେଇ ଦେଇଥିବା ମନ୍ତବ୍ୟ ପ୍ରତିବାଦରେ କୋଶଲ ସେନା ଏଭଳି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୂର୍ଯ୍ୟବଂଶୀଙ୍କ ସେଭଳି ମନ୍ତବ୍ୟ ପ୍ରତିବାଦରେ ସାରା ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ ତୀବ୍ର ହେବ ବୋଲି କୋଶଲ ସେନାର କର୍ମୀମାନେ କହିଛନ୍ତି। କୋଶଲ ସେନାର ବିରବଲ ମହାକୁଡ଼, ଅଶୋକ ଛତର, ପବିତ୍ର ଦେହେରୀ, ଅବିନାଶ ବାଗ ପ୍ରମୁଖ ଏହାର ନେତୃତ୍ୱ ନେଇଥିବାବେଳେ ଅନେକ କୋଶଲ ସଂଗ୍ରାମୀ ଉପସ୍ଥିତ ଥିଲେ।

# ଅରଣ୍ୟ ସମ୍ପଦ ବିଶ୍ୱ ପାଇଁ ପ୍ରକୃତିର ବରଦାନ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ଅରଣ୍ୟ ସମ୍ପଦ ସମଗ୍ର ବିଶ୍ୱ ପାଇଁ ପ୍ରକୃତିର ଏକ ବରଦାନ। ଏହା ଆମର ଖାଦ୍ୟ, ଔଷଧ,ଇନ୍ଧନ ଆଦି ସହିତ ଦୈନନ୍ଦିନ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ଆବଶ୍ୟକତା ପୂରଣ କରିଥାଏ। ତେଣୁ ଛାତ୍ରାବସ୍ଥାରୁ ଜଙ୍ଗଲ ସମ୍ପଦର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ଶୁକ୍ରବାର ଅମ୍ବାଭୋନା ବ୍ଲକ୍ ଅନ୍ତର୍ଗତ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଇକୋ କ୍ଲବ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଚଳିତ ବର୍ଷ ବିଶ୍ୱ ବନ ଦିବସ ପ୍ରସଙ୍ଗ 'ଜଙ୍ଗଲ ଓ ଖାଦ୍ୟ' ବିଷୟରେ ଆଲୋକପାତ କରିବା ସହ ଜଙ୍ଗଲ ସମ୍ପଦର ସୁରକ୍ଷା, ସଂରକ୍ଷଣ ଓ ପୁନରୁଦ୍ଧାରର ଆବଶ୍ୟକତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ଧାରଣା ପ୍ରଦାନ କରିଥିଲେ । ଶିକ୍ଷକ ତେଜରାମ ସା ଓ ପ୍ରଧାନ ଶିକ୍ଷକ ନାୟକ ଜଙ୍ଗଲ ସମ୍ପଦର ସଂରକ୍ଷଣ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ବିଦ୍ୟାଳୟର ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ, ଶକ୍ତି କ୍ଲବ, ମାନକ କ୍ଲବ, ହୋମି ଭାବା ବିଜ୍ଞାନ କ୍ଲବ ଏବଂ ସାର୍ ସି.ଭି. ରମଣ ବିଜ୍ଞାନ କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲାସ୍ତରୀୟ ବନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିଶ୍ୱ ବନ ଦିବସ**

ବରଗଡ଼ ବିଜୁ ପଟ୍ଟନାୟକ ହଲ୍‌ଠାରେ ବରଗଡ଼ ଜିଲା ବନଖଣ୍ଡ ବିଭାଗ ଦ୍ୱାରା ଜିଲାସ୍ତରୀୟ ବିଶ୍ୱ ବନ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ଆଦିତ୍ୟ ଗୋୟଲ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ଜିଲା ବନଖଣ୍ଡ ଅଧିକାରୀ ବିକ୍ରମଦେବ ପଟ୍ଟନାୟକ, ସମ୍ବଲପୁର ଆଞ୍ଚଳିକ ବନ ସଂରକ୍ଷଣ ଅଧିକାରୀ ଟି. ଅଶୋକ କୁମାର, ବିଭିନ୍ନ ବିଭାଗର ଅଧିକାରୀଗଣ ଯୋଗଦେଇଥିଲେ। ଜିଲାପାଳ ଗୋୟଲ ଏବଂ ବିଧାୟକ ଗଡ଼ତିଆଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଉକ୍ତ ବିଭାଗ ତରଫରୁ ଆୟୋଜିତ ୫କି.ମି. ମାରାଥନ ଦୌଡ଼ ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଭାଗରେ କାର୍ଯ୍ୟରତ ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ଜିଲାର ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମବାସୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସିଆର୍‌ଆର୍ ଏବଂ ସିଏଫ୍‌ଆର୍ ପ୍ରଦାନ କରାଯାଇଥିଲା। ବନଖଣ୍ଡ ବିଭାଗର ସହକାରୀ ବନ ସଂରକ୍ଷକ ହରମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବିକଶିତ ଭାରତ, ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ୨ଦିନିଆ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସଭା ମୁଖ୍ୟ ପ୍ରଫେସର ଡ. ନକୁଳ ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରଗଡ଼, ସୋନପୁର ଏବଂ ବଲାଙ୍ଗୀର ଜିଲାର ଜାତୀୟ ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ସଂଯୋଜକ ଯଥାକ୍ରମେ ବବିତା ଷଡ଼ଙ୍ଗୀ, ଡ. ମନୋରଞ୍ଜନ ଘଡ଼େଇ ଏବଂ ଡ. ଅଜିତ୍ କୁମାର ଭୋଇ ଯୋଗଦେଇଥିବା ବେଳେ ପଞ୍ଚାୟତ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ମହାପାତ୍ର ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ଡ. ସେଠ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମର ଆବାହକ ବିଜୟ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। 'ୱାନ୍ ନେଶନ ୱାନ୍ ଇଲେକ୍ସନ – ପେଭିଂ ଦି ୱେ ଅଫ୍ ବିକଶିତ ଭାରତ' ବିଷୟ ଆଧାରିତ ପ୍ରତିଯୋଗିତାରେ ୩ ଜିଲାର ମୋଟ ୭୫ ଜଣ ପ୍ରତିଯୋଗୀ ଭାଗନେଇଥିଲେ। ୫ଜଣିଆ ବିଚାରକ ମଣ୍ଡଳୀକୁ ନେଇ ଆୟୋଜିତ ପ୍ରତିଯୋଗିତାରେ ପ୍ରଫେସର ଉମେଶ ଚନ୍ଦ୍ର ମହାପାତ୍ର, ପ୍ରଫେସର ସୁବଳ ମେହେର, ଚାଷୀନେତା ଲିଙ୍ଗରାଜ, ଗାୟତ୍ରୀ ମିଶ୍ର ଏବଂ ପ୍ରଫୁଲ୍ଲ ମିଶ୍ର ବିଚାରକଭାବରେ ମଞ୍ଚାସୀନ ଥିଲେ। ସହକାରୀ ପ୍ରଫେସର ଡ. ବନୁଜା ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହକାରୀ ପ୍ରଫେସର ହୃଦାନନ୍ଦ ଭୁଏ ପଞ୍ଜୀକରଣ ଏବଂ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସ୍ୱଚ୍ଛ ସୁପରଭାଇଜରଙ୍କୁ ଛଟେଇ ପ୍ରତିବାଦରେ ଧାରଣା

ବରଗଡ଼,୨୧।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପୌର ପରିଷଦ ଅଧିନରେ ଥିବା କେତେଜଣ ସ୍ୱଚ୍ଛ ସୁପରଭାଇଜର ଏବଂ ସ୍ୱଚ୍ଛସାଥୀଙ୍କୁ ଛଟେଇ କରିବା ପ୍ରତିବାଦରେ ଶୁକ୍ରବାର ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀ ସଂଘ ଧାରଣାକୁ ଓହ୍ଲାଇଥିଲେ। ପୌର ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସେମାନେ ଧାରଣା ଦେବା ସହିତ ନାରାବାଜି କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ଧାରଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେଭଳି ଛଟେଇ ନିଷ୍ପତ୍ତି ନିଆଯାଇ ନାହିଁ ଏବଂ ସେ ଏହାର ପୁନର୍ବିଚାର କରିବେ ବୋଲି ସାହୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଥିଲେ ଏବଂ ପୌର ପରିଷଦ କାର୍ଯ୍ୟାଳୟର କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ପ୍ରକାଶଥାଉକି, ପୌର ପରିଷଦର ପତ୍ରସଂଖ୍ୟା-୩୭୭୬, ତା-୩୧।୧୨।୨୦୨୪କ୍ରମେ ପୌର ପରିଷଦର ୨ସ୍ୱଚ୍ଛ ସୁପରଭାଇଜର, ୨ସ୍ୱଚ୍ଛସାଥୀ ଏବଂ ୨ଡ୍ରାଇଭରଙ୍କୁ ଛଟେଇ କରାଯାଇଥିଲା। ଏହାକୁ ନେଇ ଅସନ୍ତୋଷ ତେଜି ଉଠିଥିଲା।



ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛସାଥୀମାନେ ଧାରଣାରେ ବସିଛନ୍ତି।

## ଜଗନ୍ନାଥ ମନ୍ଦିର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆରମ୍ଭ



ନବକୁଣ୍ଡୀୟ ଗୀତା ଯଜ୍ଞ ପାଇଁ କଳସ ଯାତ୍ରା ଚାଲିଛି।

ସରଣ୍ଡା, ୨୧।୩(ଯୁଧିଷ୍ଠିର ମହାପାତ୍ର)

ଅତାବିରା ଜଗନ୍ନାଥ ମନ୍ଦିରର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶୁକ୍ରବାର ତ୍ରିଦିନାତ୍ମକ ନବକୁଣ୍ଡୀୟ ଗୀତା ଯଜ୍ଞ ପାଇଁ କଳସ ଯାତ୍ରାରୁ ଆରମ୍ଭ ହୋଇଛି ସୁବର୍ଣ୍ଣ ଜୟନ୍ତୀ ସମାରୋହ। ସ୍ଥାନୀୟ ବାବା ମଠରୁ କଳସଯାତ୍ରା ଅତାବିରା ଜଗନ୍ନାଥ ମନ୍ଦିର ନିକଟ ଯଜ୍ଞ ମଣ୍ଡପକୁ ଆସି ସ୍ଥାପିତ ହୋଇଥିଲା। ୨୭ ଯୋଡ଼ି କର୍ତ୍ତାଙ୍କ ସମେତ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। କଳସ ସ୍ଥାପନ ପରେ ଯଜ୍ଞ ପୂଜା ଆରମ୍ଭ ହୋଇଥଲା। ପୁରୀ ଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ପରେ ରାଜା, ଜମିଦାର, ଗୌନ୍ତିଆମାନେ ନିଜ ନିଜ କ୍ଷେତ୍ରରେ ମନ୍ଦିର ତିଆରି କରି ପ୍ରଭୁ ଜଗନ୍ନାଥଙ୍କ ପୂଜା ଆରାଧନା ଆରମ୍ଭ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପ୍ରତିଷ୍ଠା ପାଇଁ ଆରମ୍ଭ ହୋଇଥିବା ଏହି ଉତ୍ସବ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମରେ କଳସ ଯାତ୍ରା, ଲୋକମହୋତ୍ସବ, ଭଜନ, ଡୁଙ୍ଗୁରିପାଲି ମହିଳା ସଂକୀର୍ତ୍ତନ, ମହୁଲେର ବାବା କପିଳେଶ୍ୱର ମହିଳା ସଂକୀର୍ତ୍ତନ, କୁରେଫୁଲ ଆର୍କେଷ୍ଟ୍ରା, ତଲାବିରା ଜୟ ଶ୍ରୀରାମ କୃଷ୍ଣଗୁରୁ, ଅର୍କେଷ୍ଟ୍ରା ସରଗମ ପରିବେଷଣ ଚାଲିଛି । ୨୨ ତାରିଖ ସଂଧ୍ୟାରେ ବନ୍ଦିତା ନାଏକଙ୍କ ପାରାୟଣ, ଡୁଙ୍ଗୁରିପାଲି ଦୀପା ନାଗଙ୍କ ମହିଳା ସଂକୀର୍ତ୍ତନ, ମହୁଲେ ବାବା କାଳେଶ୍ୱର ମହିଳା ଉଦଣ୍ଡ ସଂକୀର୍ତ୍ତନ ମଣ୍ଡଳୀର ଗାୟିକା ଅନିତା ସୁନାଙ୍କ କାର୍ଯ୍ୟକ୍ରମ, ଅତାବରା କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ କାର୍ଯ୍ୟକ୍ରମ ଓ ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ୨୩ ତାରିଖ ଦିନ ଓଁ ଜୟ ଶ୍ରୀରାମ କୃଷ୍ଣଗୁରୁ ଭଜନ ମଣ୍ଡଳୀ, ତଳାବିରାର ଗାୟିକା ପୁଷ୍ପାଂଚଳୀ ମେହେରଙ୍କ କାର୍ଯ୍ୟକ୍ରମ, ବନ୍ଦିତା ନାଏକଙ୍କ ପାରାୟଣ, ରାତିରେ ଆଶିଷ କୁମ୍ଭାର ଓ ସାଥୀଙ୍କ ସରଗମ ସିତାରା ଆର୍କେଷ୍ଟ୍ରା କାର୍ଯ୍ୟକ୍ରମ ରହିଛି। ମୀନାବଜାର ଯୋଗୁ ଲୋକଙ୍କ ଭିଡ଼ ବଢୁଥିବାର ଦେଖିବାକୁ ମିଳିଛି। ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ବ୍ୟବସ୍ଥା କରାଯାଇଥିବା ବେଳେ ଅତାବିରା ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ ସେକ୍ସନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

## ନାମ ଲେଖାଇବେ ୧୭ହଜାର ୨୧୩ ଛାତ୍ରୀଛାତ୍ର

ବରଗଡ଼, ୨୧।୩(ପ୍ରେମାନନ୍ଦ ଖମାରୀ)

**ଏପ୍ରିଲ ୨ରେ ବାଲ ବାଟିକା 'ଖଡ଼ିଛୁଆଁ' ଓ ପ୍ରବେଶ ଉତ୍ସବ**

ଆସନ୍ତା ଏପ୍ରିଲ ମାସ ୨ ତାରିଖ ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟରେ ବାଲ ବାଟିକା ପାଇଁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତ୍ୟେକ ଜିଲାରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବିଭାଗୀୟ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ନିମନ୍ତ୍ରଣ ପତ୍ର ବଣ୍ଟନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବରଗଡ଼ ବ୍ଲକ ସରସରା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଜିଲାପାଳ ଗୋୟଲ ପରିଦର୍ଶନ କରିବା ସହ ଉକ୍ତ ଗ୍ରାମ ଗୁଡ଼ିକରେ ପହଞ୍ଚି ଛାତ୍ରୀଛାତ୍ର, ଅଭିଭାବକ ଏବଂ ଗ୍ରାମବାସୀମାନଙ୍କୁ ଭେଟି ଆସନ୍ତା ଏପ୍ରିଲ ୨ ତାରିଖରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ''ଖଡ଼ି ଛୁଆଁ'' ପର୍ବରେ ସାମିଲ ହେବା ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଏହି ଅବସରରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁ, ବରଗଡ଼ ବିଡିଓ ବ୍ରେସିୟସ ଡୁଙ୍ଗଡୁଙ୍ଗ, ବ୍ଲକ ଶିକ୍ଷାଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ସମଗ୍ର ଶିକ୍ଷା ବିଭାଗର ସମସ୍ତ ପଦାଧିକାରୀବୃନ୍ଦ, ସ୍ଥାନୀୟ ସିଆର୍‌ସିସି ଉପସ୍ଥିତ ରହିଥିଲେ। ସେମାନେ ନିମନ୍ତ୍ରଣ ପତ୍ର ବଣ୍ଟନ କରିବା ସହ ବାଲ ବାଟିକା ପାଇଁ ହେବାକୁ ଥିବା ପ୍ରବେଶ ଉତ୍ସବ ସମ୍ବନ୍ଧରେ ଜନ ସାଧାରଣଙ୍କୁ ଅବଗତ କରାଇଥିଲେ। ବାଲ ବାଟିକା ଓ ଗ୍ରେଡ ୱାନ ୨୦୨୫ -୨୬ ନାମ ଲେଖା ପାଇଁ ବରଗଡ଼ ବ୍ଲକରେ ୧୪୦୫, ଅତାବିରାରେ ୧୦୮୦ ଅମ୍ବାଭୋନାରେ ୫୦୪, ବରପାଲିରେ ୭୭୭, ଭଟଲିରେ ୬୧୨ ଭେଡେନରେ ୮୩୦, ବିଜେପୁରରେ ୭୪୮, ଗାଇସିଲେଟରେ ୮୯୭, ଝାରବନ୍ଧରେ ୭୯୬, ପାଇକମାଳରେ ୭୯୮, ସୋହେଲା ବ୍ଲକରେ ୧୦୯୨ ଜଣ ଅର୍ଥାତ୍ ସର୍ବମୋଟ ୧୦୪୯୪ ଜଣ ୫ ବର୍ଷ ଯୁକ୍ତ ବୟସର ଛାତ୍ରୀଛାତ୍ର ନାମ ଲେଖାଇବା ପାଇଁ ଯୋଗ୍ୟ ହୋଇଛନ୍ତି। ଠିକ ସେହିପରି ୧୨ ବ୍ଲକରେ ୬ବର୍ଷ ଯୁକ୍ତ ବୟସର ନାମ ଲେଖାଇବାକୁ ଥିବା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୬୭୧୯ ଜଣ ରହିଛି। ଏଭଳିଭାବେ ବରଗଡ଼ ଜିଲାରେ ସର୍ବ ମୋଟ ୧୭ହଜାର ୨୧୩ ଜଣ ଛାତ୍ରୀଛାତ୍ରୀ ବାଲ ବାଟିକାରେ ନାମ ଲେଖାଇବେ ବୋଲି ଶିକ୍ଷା ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି ।



ବରଗଡ଼ ଜିଲାପାଳ ନାମଲେଖା ନିମନ୍ତ୍ରଣ ବଣ୍ଟନ କରୁଛନ୍ତି।

## ବିଶ୍ୱ କବିତା ଦିବସରେ କବିତା ପାଠ

**ସୋନପୁର,୨୧।୩(ମୃତ୍ୟୁଞ୍ଜୟ ଶତପଥୀ):** ବିଶ୍ୱ କବିତା ଦିବସ ଉପଲକ୍ଷେ ବୀରମହାରାଜପୁର ସପ୍ତଦୀପା ସାହିତ୍ୟ ସଂସଦ ତରଫରୁ ଏକ କବିତା ପାଠ ତଥା ୧୧୯ ତମ ସାରସ୍ୱତ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଥଲା। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରଠାରେ ଏହା ହୋଇଥିଲା। ସଂସଦ ସଭାପତି ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆସରରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଭଗବାନ ମିଶ୍ର, ମୁଖ୍ୟବକ୍ତା ଅଧ୍ୟାପିକା ସନ୍ତୋଷିନୀ ନାୟକ, ସ୍ୱତନ୍ତ୍ର ଅତିଥି କିଶୋର ହୋତା ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ସୁବ୍ରତ ପଣ୍ଡା ଯୋଗଦାନ କରିଥିଲେ। ପ୍ରାରମ୍ଭରେ କବି ରମାକାନ୍ତ ରଥଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଶ୍ୱକବିତା ଦିବସ ପାଳନ ଉପଲକ୍ଷେ କବି ଓ କବିତା ସମ୍ପର୍କରେ ଆଲୋକପାତ କରି ଅତିଥିମାନେ କହିଥିଲେ, କବିତା ଗୋଟିଏ ଜାତିର ସୂକ୍ଷ୍ମାତି ସୂକ୍ଷ୍ମ ରୂପରେଖ। କବି ଯେଉଁ ଜୀବନ ଭୋଗକରେ ସେ କେବଳ ନିଜ ଭିତରେ ଲୁଚାଇ ରଖେନାହିଁ। ସାଧାରଣ ପାଠକଙ୍କୁ ନିଜ ଲେଖା ଦ୍ୱାରା ଉପକୃତ କରାଏ। କବିତାର ନବଜନ୍ମ ନିରୋଳା ପ୍ରେମରୁ ହିଁ ଆରମ୍ଭ। କେବଳ ମଣିଷ ନୁହେଁ, ସମସ୍ତଙ୍କ ପ୍ରତି କବିର ଦୁର୍ବଳତା ଥାଏ। କବି ଶାନ୍ତି, ମୈତ୍ରୀ, କରୁଣାର ସମାଜ ଚାହେଁ। କବିତା ମାଧ୍ୟମରେ ସେ ସବୁବେଳେ ସୁସ୍ଥ ସମାଜର ପରିକଳ୍ପନା କରୁଥାଏ। ସେ ବିଲକ୍ଷଣ ହେଉ ନଥିବା ସମାଜ ଚାହେଁ। ବିପ୍ଳବ, କବିର ଧର୍ମ ନୁହେଁ। କବି ଶବ୍ଦର ଯାଦୁରେ ସମାଜକୁ ସଂଶୋଧନ କରେ। ତେଣୁ କବି ସର୍ବଦା ପୂଜ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

## କୃଷି ସମବାୟ ସମିତିର ସାଧାରଣ ସଭା

ବରପାଲି,୨୧।୩(ଚିତ୍ତରଞ୍ଜନ ସାହୁ)

ବରପାଲି ବ୍ଲକ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତିର ସଭାପତି ବିରୋସନ ସାହୁଙ୍କ ଅଧ୍ୟକ୍ଷତାରେ ରକ୍ସା ପଞ୍ଚାୟତ ଖେଳପଡ଼ିଆ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ସୁମିତ୍ ପଧାନ ସମିତିର ବାର୍ଷିକ ବିବରଣି ପାଠ କରିଥିବାବେଳେ ବରପାଲି ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ଶାଖା ପରିଚାଳକ ସାଲବେଗ ବାଦି ଯୋଗଦାନ କରି ଚାଷୀ ମାନଙ୍କ ପାଇଁ ସରକାରଙ୍କ ଦ୍ୱାର ଅନୁମୋଦିତ ହୋଇଥିବା ଯନ୍ତ୍ରପାତି ବିନା ସୁଧାରେ ଋଣ ସାର ଇତ୍ୟାଦି ଜିନିଷ ଠିକ ସମୟରେ କେମିତି ପାଇ ପାରିବେ ସେ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ୟୁରିଆ ସାରର ବ୍ୟବହାର ଉପରର ଏବଂ ଇୟୁରିଆ ସାର ସମିତିକୁ କମ୍ ଆସୁଥିବାରୁ ସଭାରେ ଅସନ୍ତୋଷ ଦେଖାଯାଇଥିଲା। ଏହି ବାର୍ଷିକ ସମିତି ସଭାରେ ଆଗଲପୁର ସମବାୟ ବ୍ୟାଙ୍କ ସମିତି ସମସ୍ତ ସଭ୍ୟ ଶ୍ରୀମତୀ କୁନ୍ତଳା ପଧାନ, ଉପେନ୍ଦ୍ର ଖେତି, ଶ୍ରୀମତୀ ରୁକ୍ମଣୀ ବେହେରା, ସୁରେନ୍ଦ୍ର ସାହା, ସେବାରାମ ବେହେରା, ବଳରାମ ନେଗି, ଗିରିଧାରୀ ନାଏକ, ପ୍ରମୋଦ କୁମାର ସାହା, ରାମ ବେରିଆ, ରମେଶ ପୋଡ, କୃଷ୍ଣ ସାହୁ, ପ୍ରକାଶ ସାହୁ, ଘନଶ୍ୟାମ ପଧାନ, ଇନ୍ଦ୍ର ଭୋଇଙ୍କ ସମେତ ରାଜ୍ୟ ସମବାୟ ସମିତି ଉପ ସଭାପତି ପେକ୍ସ ସଭାପତି ବିରୋସନ ସାହୁ, ବରପାଲି ପେକ୍ସ ସଭାପତି ଗୁରୁ ମେହେର, କୁମ୍ଭାରୀ ପେକ୍ସ ସଭାପତି ପ୍ରଫୁଲ୍ଲ ପଧାନ, କଣ୍ଟାପାଲି ପେକ୍ସ ସଭାପତି ଧୃର୍ବ ସାହୁ, ରକ୍ସା ସରପଞ୍ଚ କେଶବ ରାଉତ, ଆଗଲପୁର ଜୋନ ଜିଲାପରିଷଦ ସଭ୍ୟ ଅନନ୍ତ ସେଠ, କୁମ୍ଭାରୀ ଡାଇରେକ୍ଟର ଶତ୍ରୁଘନ ପଧାନ ଯୋଗ ଦେଇ ଚାଷୀମାନଙ୍କ ଉନ୍ନତି ତଥା ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ ସେ ଉପରେ ଉପସ୍ଥିତ ଥିବା ଅତିଥିମାନେ ବକ୍ତବ୍ୟ ରଖିଥିଲେ। ବୋର୍ଡ ସଭ୍ୟ ଉପେନ୍ଦ୍ର ଖେତୀ ଧନ୍ୟବାଦ ଅର୍ପଣ କରିଥିଲେ।



କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭାରେ ଆଲୋଚନା ଚାଲିଛି।

# ଆଶଙ୍କାରେ ଉଚ୍ଛେଦ, ଆନ୍ଦୋଳନ ପାଇଁ ସଜବାଜ

**ଲେଙ୍ଗୁମିଶ୍ର ଛକ -ଜୀରାବ୍ରିଜ୍ ରାସ୍ତା ଜବରଦଖଲ**

- ଜବରଦଖଲ ଜାଗା ଛାଡ଼ିବାକୁ ନିର୍ଦ୍ଦେଶ
- ତଥାପି ଉଚ୍ଛେଦ ଏଡ଼ାଇବାକୁ ପ୍ରୟାସ
- ଆଜି ବସିବ ସର୍ବଦଳୀୟ ବୈଠକ

ବରଗଡ,୨୧।୩(ପ୍ରେମାନନ୍ଦ ଖମାରୀ)



ବରଗଡ଼ ସହରସ୍ଥିତ ଲେଙ୍ଗୁ ମିଶ୍ର ଛକ-ପୁରୁଣା ଜୀରାବ୍ରିଜ ରାସ୍ତା।

ବରଗଡ଼ ସହରର ବହୁଚର୍ଚ୍ଚିତ ଲେଙ୍ଗୁମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ନେଇ ଗତ ୨୦୨୩ରୁ ଦାବି ଜୋର୍ ଧରି ଆସିଛି। ଜିଲା ଓକିଲ ସଂଘ ନେତୃତ୍ୱରେ ସ୍ଥାନୀୟ ସମଲେଶ୍ୱରୀ ସଂଘ ସମେତ ବିଭିନ୍ନ ଅନୁଷ୍ଠାନର ଦୃଢ଼ ଦାବି ପରେ ପ୍ରଶାସନ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲା। ମାତ୍ର ଉଚ୍ଛେଦ ପ୍ରକ୍ରିୟାରେ ପ୍ରଭାବିତ ଲୋକେ ନ୍ୟାୟାଳୟର ଦ୍ୱାରସ୍ଥ ହେବା ପରେ ସେ ନେଇ ବିଚାର ପ୍ରକ୍ରିୟାରେ ସମୟ ଗଡ଼ିଥିଲା। ମାତ୍ର ଉଚ୍ଚ ନ୍ୟାୟାଳୟ ଥରେ ନୁହେଁ, ୨ଥର ଉଚ୍ଛେଦ ସପକ୍ଷରେ ରାୟ ପ୍ରଦାନ କରି ସାରିଛନ୍ତି। ଏହାସତ୍ତ୍ୱେ ସମ୍ପୃକ୍ତ ଜବରଦଖଲକୁ ପ୍ରଶାସନ ଏ ଯାଏ ହଟାଇ ନାହିଁ। ଅନ୍ୟପକ୍ଷରେ ପୌର ପ୍ରଶାସନ ଜବରଦଖଲକାରୀଙ୍କୁ ଚିରାଚରିତ ଢଙ୍ଗରେ ପୁଣି ନୋଟିସ ଦେଇଛି। ନୋଟିସ ପାଇବାର ୭ଦିନ ମଧ୍ୟରେ ଜବରଦଖଲ ଅଂଶ ଖାଲି କରିବା ପାଇଁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ନଚେତ୍ ଜବରଦଖଲ ଅଂଶର ନିର୍ମାଣକୁ ଭାଙ୍ଗି ଦିଆଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି। ଏଭଳି ୨୫ଜଣଙ୍କୁ ନୋଟିସ୍ ହୋଇଥିବା ସୂଚନା ମିଳିଛି। ନୋଟିସ୍‌ରେ ଦିଆଯାଇଥିବା ଅବଧି ସରିଯାଇଛି। ଏହାସତ୍ତ୍ୱେ ଉଚ୍ଛେଦ ଆରମ୍ଭ ହୋଇନାହିଁ। ଏଭଳି ସ୍ଥିତିରେ ଜବରଦଖଲ ଉଚ୍ଛେଦ ପୁଣି ଆଶଙ୍କାରେ ରହିଛି। ଉଚ୍ଛେଦ କାର୍ଯ୍ୟ ବିଳମ୍ବିତ ହେଉଥିବାରୁ ସହରବାସୀଙ୍କ ମଧ୍ୟରେ ଦୀର୍ଘଦିନରୁ କୁହୁଳୁଥିବା ଅସନ୍ତୋଷ ପୁନର୍ବାର ତେଜି ଉଠିଛି। ଶନିବାର ସନ୍ଧ୍ୟାରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସର୍ବଦଳୀୟ ବୈଠକ ବସୁଥିବା ସୂଚନା ମିଳିଛି। ବୈଠକରେ ଉଚ୍ଛେଦ ଦାବି ତଥା ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ଆନ୍ଦୋଳନ ରୂପରେଖ ନେଇ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଆସନ୍ତା ୨୯ତାରିଖରୁ ପୁଣି ଜବରଦଖଲ ଉଚ୍ଛେଦ ଆରମ୍ଭ ହେବ ବୋଲି ଚର୍ଚ୍ଚା ଚାଲିଛି।

ସୂଚନା ଅନୁଯାୟୀ, ବରଗଡ଼ ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ଗରିବ, ଖଟିଖିଆ ଲୋକଙ୍କ ଘରଦ୍ୱାର, ଠେଲା ଦୋକାନ ଭାଙ୍ଗି ଦିଆଯାଉଛି। ଅନ୍ୟପଟେ ବଡ଼ବଡ଼ିଆ ଲୋକେ ସରକାରୀ ଜମିରେ କୋଠାବାଡ଼ି କରିଥିଲେ ସୁଦ୍ଧା ସେଠାକୁ ପ୍ରଶାସନ ହାତ ମାରୁନଥିବା ଅଭିଯୋଗ ହୋଇଛି। ଉଚ୍ଛେଦ ପ୍ରକ୍ରିୟାରେ ଥିଲାବାଲାଙ୍କୁ ଅହେତୁକ ଅନୁକମ୍ପା ଏବଂ ଗରିବ ଖଟିଖିଆଙ୍କୁ ବିନା ଥଇଥାନରେ ହଟାଇ ଦିଆଯିବା ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଭୂମିକା ଉପରେ ସାଧାରଣରେ ଭିନ୍ନ ସନ୍ଦେହ ସୃଷ୍ଟି ହେଉଛି । ସେହିପରି ଶାସକ ଦଳର ନେତା, ମନ୍ତ୍ରୀଙ୍କ ପ୍ରତି ମଧ୍ୟ ଲୋକଙ୍କ ଆସ୍ଥା ତୁଟିବାରେ ଲାଗିଛି। ବରଗଡ଼ ସ୍ଥାନୀୟ ଲେଙ୍ଗୁମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତାପାର୍ଶ୍ୱ ଜବରଦଖଲକୁ ଏ ଯାଏ ଉଚ୍ଛେଦ କରା ନ ଯିବା ଦୃଷ୍ଟାନ୍ତ ହୋଇ ରହିଛି। ଜବରଦଖଲକାରୀଙ୍କୁ ନୋଟିସେ ପରେ ନୋଟିସ କରାଯାଉଛି। ହେଲେ ତାହା ନୋଟିସରେ କେବଳ ସୀମିତ ରହିଯାଉଛି। ଅନ୍ୟପଟେ ପ୍ରଶାସନକୁ ଚ୍ୟାଲେଞ୍ଜ କରି ପୂର୍ବରୁ ହୋଇଥିବା ଆଂଶିକ ଉଚ୍ଛେଦ ସ୍ଥାନରେ ପୁଣି ନିର୍ମାଣ କାର୍ଯ୍ୟ ଚାଲିବା ଚର୍ଚ୍ଚାର ବିଷୟ ହୋଇଛି । ସେହିପରି ଗତ ସାଧାରଣ ନିର୍ବାଚନ ପୂର୍ବରୁ ଉଚ୍ଛେଦ ଦାବି ଜୋର୍ ଧରିଥିଲା। ନିର୍ବାଚନରେ ମଧ୍ୟ ଏହା ପ୍ରଭାବ ପକାଇଥିଲା। ଏପରି କି ଏହି ପ୍ରସଙ୍ଗ ଯୋଗୁ ବିଜେଡିକୁ ବରଗଡ଼ ଆସନ ହରାଇବାକୁ ପଡ଼ିଲା ବୋଲି ସାଧାରଣରେ ଆଲୋଚିତ ହେଉଛି। ଅନ୍ୟପଟେ ବିଧାୟକ ବଦଳିଲେ, ସରକାର ବି ବଦଳି ଗଲା। କିନ୍ତୁ ସହରବାସୀଙ୍କ ଦୀର୍ଘବର୍ଷର ଏହି ଉଚ୍ଛେଦ ଦାବି ଯେଉଁ ତିମିରେକୁ ସେହି ତିମିରେ ରହି ଯାଇଛି। ଉଚ୍ଛେଦ ଦାବି ଆରମ୍ଭ ହେବା ପରଠାରୁ ତତ୍କାଳୀନ ଜିଲାପାଳଙ୍କ ବଦଳି ହୋଇଛି। ଏହା ସହିତ ୨ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ୨ଉପଜିଲାପାଳ ମଧ୍ୟ ବଦଳି ସାରିଲେଣି। କିନ୍ତୁ ରାସ୍ତା ଜବରଦଖଲ ଯେମିତିକୁ ସେମିତି ରହିଛି। ଅପରପକ୍ଷେ ଲେଙ୍ଗୁମିଶ୍ର ଛକଠାରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ କରା ନ ଯାଇ ବୁଲଡୋଜର ଲଗାଇ ଗରିବ, ଖଟିଖିଆଙ୍କ ଘର, ଠେଲା ଦୋକାନକୁ ହଟାଇ ଦିଆଯାଉଥିବାରୁ ପ୍ରଶାସନକୁ ମଧ୍ୟ ଲୋକହସା ହେବାକୁ ପଡୁଛି। ଏପରି କି ଏହି ପ୍ରସଙ୍ଗ ଉଠାଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜୁଛି।

## ସଂକ୍ଷେପରେ

### ହେରୋଇନ ଜବତ, ୨ ଗିରଫ

**ରାଉରକେଲା, ୨୧।୩(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଟ୍ରାଫିକ ଗେଟ୍ ନିକଟରେ ଶୁକ୍ରବାର ଭୋର ସମୟରେ ପାଟ୍ରୋଲିଂ ସମୟରେ ଏକ ସ୍କୁଟିରେ ପରିବହନ କରାଯାଉଥିବା ବେଳେ ହେରୋଇନ ଧରାପଡ଼ିଛି। ଏହି ଘଟଣାରେ ୨ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗୋପବନ୍ଧୁପାଲୀ ୱାର୍ଡ ନଂ-୪ର ଏମ୍ଡ଼ି ଆଫତାବ(୩୦) ଓ ଗୋପବନ୍ଧୁପାଲୀ ୱାର୍ଡ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା(୨୦୭/୨୫) ରୁଜୁ କରି ଅପରାହ୍ନ ୫ଟାରେ ଉଭୟଙ୍କୁ କୋର୍ଟଚାଲାଣ କରିଛି। ଏମ୍ଡ଼ି ଆଫତାବଙ୍କ ନାମରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ୩ଟି ଏବଂ ମନରାଜଙ୍କ ନାଁରେ ୨ଟି ଆପରାଧିକ ମାମଲା ରହିଛି।

### ଡିଅର ସଙ୍ଗଠନ ପ୍ରଚେଷ୍ଟାରେ ଜେଇ ପଦନାମ ପରିବର୍ତ୍ତନ

**ରାଉରକେଲା, ୨୧।୩(ସଙ୍ଗୀତା ଜେନା):** ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଗତ ୧୮ତାରିଖରେ ଇସ୍ପାତ ଶ୍ରମିକଙ୍କ ପଦନାମ ପରିବର୍ତ୍ତନ ପାଇଁ ଏକ ସର୍କୁଲାର ଜାରି କରାଯାଇଛି। ସେଲ୍‌ର ଅନ୍ୟ ୟୁନିଟ୍‌ଗୁଡିକରେ ଏହା ଲାଗୁ ହୋଇଥିବା ବେଳେ ଆର୍‌ଏସ୍‌ପିରେ ବିଳମ୍ୱ ହୋଇଥିଲା। ପୂର୍ବରୁ ଡିପ୍ଲୋମା ଇଞ୍ଜିନିୟର ଆସୋସିଏଶନ (ଡିଅର) ପ୍ରଥମେ ଆର୍‌ଏସ୍‌ପିରେ ଜେଇ ପଦନାମ ଲାଗୁ କରିବା ପାଇଁ ଦାବି କରିଆସୁଥିଲା। ଏଥିପାଇଁ ଏକାଧିକ ଥର ଆନ୍ଦୋଳନ କରିଥିଲା। ପରେ ଏନ୍‌ଜେସିଏସ୍‌ରେ ରିଡେଜିଗ୍‌ନେଶନ ନାମରେ ଏକ ସବ୍ କମିଟି ଗଠନ କରାଗଲା। ୨୦୨୧ରେ ଇସ୍ପାତ କର୍ମଚାରୀଙ୍କ ପଦନାମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଯାହା ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ପଦନାମ ପରିବର୍ତ୍ତନ କମିଟିରେ ରାଉରକେଲାରୁ ବିଏମ୍‌ଏସ୍‌ର ରାଜେନ୍ଦ୍ର ମାହାନ୍ତ ସଦସ୍ୟ ଥିଲେ। ତେଣୁ ଡିଅର ସଙ୍ଗଠନ ପ୍ରଚେଷ୍ଟାରେ ପଦନାମ ପରିବର୍ତ୍ତନ ହୋଇଥିବା ସାଧାରଣ ସମ୍ପାଦକ ହିମାଂଶୁ ବଳ କହିଛନ୍ତି।

### ସୁଭଦ୍ରା ରାଶିରୁ ବଞ୍ଚିତ ୨୩୦ ମହିଳା

**ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ):** ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ରାଉରକେଲା ମହାନଗର ନିଗମ ଅଧୀନ ଶିଳ୍ପାଞ୍ଚଳ ଓ ସହରାଞ୍ଚଳର ୮୫ହଜାର ୫୬୩ଜଣ ମହିଳା ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭୧ହଜାର ୭୨ଜଣଙ୍କୁ ସାମିଲ କରାଯାଇଛି। ମାତ୍ର ଅବଶିଷ୍ଟ ୧୪,୪୮୮ମହିଳାଙ୍କୁ ଏଯାଏ ଉକ୍ତ ଯୋଜନାରେ ସାମିଲ କରାଯାଇପାରିନାହିଁ। ଅନ୍ୟପକ୍ଷେ ୭୧ହଜାର ୭୨ଜଣଙ୍କ ଆବେଦନ ସ୍ୱୀକାରୋକ୍ତି ହୋଇଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ୨୩୦ଜଣଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିପାରିନାହିଁ। ସେହିପରି ୭୦ହଜାର ୮୪୨ଜଣ ମହିଳା ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ଟଙ୍କା ପାଇଛନ୍ତି। ଏ ନେଇ ସୁଭଦ୍ରା ଯୋଜନା ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏବଂ ଆର୍‌ଏମ୍‌ସି ଉପାୟୁକ୍ତ ତରୁଣ କାନ୍ତଙ୍କୁ ପଚାରିବାରୁ ସେ କହିଲେ, ଖୁବ୍‌ଶୀଘ୍ର ୨୩୦ ମହିଳାଙ୍କୁ ପ୍ରାପ୍ୟ ରାଶି ପ୍ରଦାନ କରାଯିବ। ମାତ୍ର ଯେଉଁମାନେ ଆବେଦନ ପରେ ମଧ୍ୟ ଯୋଜନାର ସ୍ୱୀକାରୋକ୍ତି ଲାଭ କରିନାହାନ୍ତି ତାହା ଆମ ହାତରେ ନାହିଁ । ତାହା ରାଜ୍ୟ ସୁଭଦ୍ରା ଯୋଜନା ତଦାରଖ ବିଭାଗ ହାତରେ ରହିଛି ବୋଲି କାନ୍ତ କହିଥିଲେ।



ଓଡ଼ିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଶୁକ୍ରବାର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିର୍ମାଣ ଶ୍ରମିକଙ୍କ ହକ୍ ଦାବିରେ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା, ୨୧।୩(ଦିନେଶ ମିଶ୍ର)**

ଶ୍ରମିକ ବିରୋଧୀ ୪ଟି ଲେବର କୋର୍ଡ ବାତିଲ କରିବା ଓ ନିର୍ମାଣ ଶ୍ରମିକମାନଙ୍କ ଦୀର୍ଘଦିନ ଧରି ବକେୟା ଥିବା ବିଭିନ୍ନ ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ଦାବିରେ ଶୁକ୍ରବାର ସିଆଇଟିୟୁ ସହବନ୍ଧିତ ଓଡିଶା କନଷ୍ଟ୍ରକଶନ ୱାର୍କର୍ସ ୟୁନିୟନ ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ରାଉରକେଲା ଉଦିତନଗରସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିର୍ମାଣ ଶ୍ରମିକମାନେ ଉଦିତନଗର ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ଜିଲା ସଭାପତି ପ୍ରଭାତ ପଣ୍ଡା ସଭାପତିତ୍ୱ କରିଥିଲେ। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଯଯାତୀ କେଶରୀ ସାହୁ, ଉପସଭାପତି ସୁରେନ୍ଦ୍ର ଦାଶ, ଗୌରୀଶଙ୍କର ପାତ୍ର, ରମିଳା ସଏ, ବିଶ୍ୱଜିତ ମାଝୀ, ଅଜୟ ଶର୍ମା ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ। ମୋଦି ସରକାର ଶ୍ରମିକମାନଙ୍କୁ ସର୍ବଦା ଜୁଲୁମ କରୁଥିବାବେଳେ ଶ୍ରମିକମାନଙ୍କ ୪୪ଟି ଶ୍ରମ ଆଇନରୁ ୧୫ଟି ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେଇଛି। ଆଉ ୨୯ଟି ଶ୍ରମ ଆଇନକୁ ଭାଙ୍ଗି ୪ଟି ଲେବର କୋଡ୍‌ରେ ପରିଣତ କରିଦେଇଛି। ଏହି ଶ୍ରମିକ ଲେବର କୋଡ୍ ଯୋଗୁ ଶ୍ରମିକମାନେ ତାଙ୍କର ସମସ୍ତ ଅଧିକାର ହରାଇ ବସିଛନ୍ତି। ସେହିଭଳି ନିର୍ମାଣ ଶ୍ରମିକମାନଙ୍କ ପଞ୍ଜୀକରଣକୁ ସରଳୀକରଣ, ବେସରକାରୀ ଶିକ୍ଷାନୁଷ୍ଠାନରେ ପଢୁଥିବା ନିର୍ମାଣ ଶ୍ରମିକ ପିଲାମାନଙ୍କ ପାଇଁ ଶିକ୍ଷାବୃତ୍ତି ପ୍ରଦାନ, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା ପ୍ରଦାନ କରିବା ଭଳି ବିଭିନ୍ନ ଦାବି ନେଇ ଜିଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜଙ୍କ ସହିତ ଆଲୋଚନା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଦିବାକର ମହାରଣା, ବିଶ୍ୱନାଥ ଲେଙ୍କା, ମେରିୟମ୍ ତିର୍କୀ, ରାଜୀବ ବସନ୍ତରାୟ, ବାସୁ ଦୀପ, ସମ୍ବରୀ ଲୋହାର, ଲଳିତ ମୁଣ୍ଡା, ଅମରେଶ ରାଏ, ପ୍ରମୋଦ ପରିଡା, କମଳା ଦିଦି ପ୍ରମୁଖ ନେତତ୍ୱ ନେଇଥିଲେ।

## ସ୍ୱଚ୍ଛତା ପ୍ରତିଯୋଗିତାର ବିଜେତା ପୁରସ୍କୃତ

**ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଇଡି (ୱାର୍କସ) କନଫରେନ୍ସ ହଲରେ ଗୁରୁବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ଏଥିରେ ଅଧ୍ୟକ୍ଷତା କରି ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ୍, ବିଭାଗ ମୁଖ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବର୍ଜ୍ୟରୁ ହସ୍ତଶିଳ୍ପ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା ୧୨ଜଣ କର୍ମଚାରୀଙ୍କୁ ନଗଦ ପୁରସ୍କାର ଓ ପ୍ରମାଣପତ୍ର ସହ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱଚ୍ଛତା ସନ୍ଦର୍ଭରେ ସଚେତନତା ସୃଷ୍ଟି ପାଇଁ ଭବିଷ୍ୟତରେ ହେବାକୁ ଥିବା ଏଭଳି ପ୍ରତିଯୋଗିତାରେ ଅଧିକ ସଂଖ୍ୟକ କର୍ମଚାରୀଙ୍କ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିଥିଲେ। ଏକ ସୁସ୍ଥ, ସ୍ୱଚ୍ଛ ଏବଂ ସୁନ୍ଦର ଭାରତ ଗଢିବା ପାଇଁ ସ୍ୱଚ୍ଛତାର ସଂସ୍କୃତ ଅନୁପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରବନ୍ଧ ଲିଖନ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତଥା ସାନ୍ତ୍ୱନାମୂଳକ ପୁରସ୍କାର ବିଜେତାମାନେ ହେଲେ ସିଲିକନ ଷ୍ଟିଲ ମିଲ ବିଭାଗର କେଦାର ନାଥ ହୁଇ, ସି ଏଣ୍ଡ ଆଇଟି ବିଭାଗର ଗୋବିନ୍ଦ କୁମାର, ସହରସେବା ବିଭାଗର ସୁଶ୍ରୀ ମମତା ଦାସ, ଇଏମ୍‌ଡି ବିଭାଗର ମୋତିରାମ ପ୍ରଧାନ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଇନଷ୍ଟ୍ରୁମେଣ୍ଟେଶନ ବିଭାଗର ଚନ୍ଦନ ସୁନା, ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ରିଜବାନ ହାସିମ ଖାନ, ଏସ୍‌ଏସ୍‌ଏମ୍ ବିଭାଗର ସର୍ବେଶ୍ୱର ପାତ୍ର ଏବଂ ପିପିସି ବିଭାଗର ରବି ନାରାୟଣ ପଣ୍ଡା ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ। ବର୍ଜ୍ୟରୁ ଐଶ୍ୱର୍ଯ୍ୟ ହସ୍ତଶିଳ୍ପ ପ୍ରତିଯୋଗିତାର କୃତୀମାନେ ହେଲେ ମେଡିକାଲ ବିଭାଗର ସୁଶ୍ରୀ ରଶ୍ମି ସୋରେଙ୍ଗ, ନୂତନ ପ୍ଲେଟ ମିଲ୍‌ର ସୁଶ୍ରୀ ମମତା ପାତ୍ର, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗର ଧୀରେନ୍ଦ୍ର କୁମାର ଏବଂ ପ୍ଲେଟ୍ ମିଲ୍‌ର ସୁବ୍ରତ କୁମାର। ଏହି ସମାବେଶକୁ ଏଚ୍‌ଆର-ୱାର୍କସ ବିଭାଗର ଜିଏମ୍ ଇନ୍‌ଚାର୍ଜ ସଞ୍ଜୟ ମେହରୋତ୍ରା ସ୍ୱାଗତ କରିଥିଲେ। ଏଚ୍‌ଆର ବିଭାଗର ଡିଜିଏମ୍ ମୁକେଶ କିଶୋର କରନ ଧନ୍ୟବାଦ ଅର୍ପଣ କରିଥିଲେ। ଏଚ୍‌ଆର ୱାର୍କସ ବିଭାଗର ସୁବୀର କୁମାର ସି ଏବଂ ବି. କରଣ କୁମାର ସହଯୋଗ କରିଥିବାବେଳେ କାର୍ମିକ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଇତିଶ୍ରୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସ୍ୱଚ୍ଛତା ପ୍ରତିଯୋଗିତାର ପ୍ରତିଯୋଗୀ ପୁରସ୍କୃତ ହେଉଛନ୍ତି।

# ୨୩ରୁ ଜାତୀୟ ନାଟକ ମହୋତ୍ସବ

**ରାଉରକେଲ, ୨୧।୩(ସଙ୍ଗୀତା ଜେନା)**

ବିଶ୍ୱନାଟ୍ୟ ଦିବସ ଅବସରରେ ୧୭ତମ ଜାତୀୟ ନାଟକ ମହୋତ୍ସବ-୨୦୨୫ ମାର୍ଚ୍ଚ ୨୩ରୁ ସେକ୍ଟର-୧୯ ସିଭିକ୍ ସେଣ୍ଟରଠାରେ ଆୟୋଜନ ହେବ। ଏହି ମହୋତ୍ସବ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୫ କଲଚରାଲ ଏକାଡେମୀ ପରିସରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ସ୍ୱାଗତ କରିଥିବା ବେଳେ ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ସେ କହିଥିଲେ, ୨୩ ତାରିଖ ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଗବେଷଣାମୂଳକ ମହାକବି କାଳିଦାସଙ୍କ ଜୀବନୀ ଆଧାରିତ ନାଟକ 'ମହାକବି କାଳିଦାସ' ମଞ୍ଚସ୍ଥ ହେବ। ୨୪ତାରିଖରେ ଆଇ.ଏଫ୍.ଟି.ଏ କୋଲକାତାର କଳାକାରମାନେ ଲୋକକଥା ଆଧାରିତ ବଙ୍ଗଳା ଭାଷୀ ନାଟକ 'ଦଲିଆ' ମଞ୍ଚସ୍ଥ କରିବେ। ୨୫ତାରିଖରେ ଶ୍ରୀ କଲଚରାଲ ଆସୋସିଏଶନ ସମ୍ବଲପୁରର କଳାକାରମାନେ ଏକ ଭିନ୍ନକ୍ଷମ ବାଳିକାର ଦରଦୀ କାହାଣୀ ଆଧାରିତ ସମ୍ବଲପୁରୀ ନାଟକ 'ସାଧନା', ୨୬ରେ ପ୍ରାଙ୍ଗଣ, ପାଟନା, ବିହାରର କଳାକାରମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଆଧାରିତ ନାଟକ 'ଅତୀତ କେ ବାତାୟନ' ମଞ୍ଚସ୍ଥ କରିବେ। ୨୭ତାରିଖରେ ଭୁବନେଶ୍ୱରର ନାଟ୍ୟାନୁଷ୍ଠାନ ଅଜିତ 'କୌଣସି ଜଣେ ଗୌତମ ଚୌଧୁରୀ ପାଇଁ' ନାଟକ ପରିବେଷଣ କରିବେ। ଏତଦ୍‌ବ୍ୟତୀତ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକକ ଅଭିନୟ, ରୋଲ୍ ପ୍ଲେ ଓ ସଂପାନ ପ୍ରତିଯୋଗିତା ଯଥାକ୍ରମେ ୨୫, ୨୬, ୨୭ ତାରିଖ ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ଯାଏ କରାଯିବ। ଏହି ଅବସରରେ ନୂଆଦିଲ୍ଲୀର ଜାତୀୟ ନାଟ୍ୟ ବିଦ୍ୟାଳୟ ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀଙ୍କୁ କବିଚନ୍ଦ୍ର କାଳୀଚରଣ ସମ୍ମାନ, ପ୍ରତାପ କୁମାର ସ୍ୱାଇଁଙ୍କୁ 'ନାଟ୍ୟବନ୍ଧୁ' ସମ୍ମାନ, ନାଟ୍ୟକାର ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକଙ୍କୁ ମନୋରଞ୍ଜନ ଦାସ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଅଭିନେତା ସତ୍ୟନାରାୟଣ ମିଶ୍ର, ଦିଲ୍ଲୀପ କୁମାର ଦେବ ଓ ଗୋପୀନାଥ ପଟ୍ଟନାୟକଙ୍କୁ 'ସମ୍ପର୍କ' ସମ୍ମାନରେ ସମ୍ମାନିତ କରାଯିବ ବୋଲି ମହାପାତ୍ର ସୂଚନା ଦେଇଥିଲେ। ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ସମର ମୁଦାଲି, ଆଲୋକ ବୋଷ, ଶରତ ଦାସ ପ୍ରମୁଖ ନାଟକ ମହୋତ୍ସବକୁ ସଫଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ପୁଷ୍ପଲତା ବିଶୋୟୀ, ପ୍ରଫୁଲ ସେଠୀ, ପ୍ରଳୟ ଶତପଥୀ, ଅକ୍ଷ ସାମଲ, ପ୍ରତାପ ମେକାପ, ସୁରଭି ରଣା ପ୍ରମୁଖ ସହଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା, ୨୧।୩(ସଙ୍ଗୀତା ଜେନା):** ରଘୁନାଥପାଲୀ ଥାନା ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୩ଟା ୧୫ରେ ଏକ ପଲସର ବାଇକ୍‌ରେ ଗଞ୍ଜେଇ ଚାଲାଣ କରାଯାଉଥିବାବେଳେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାନପୋଷ ଲୋଟୁମିଆଁ ଗଳିର ଏମ୍‌ଡ଼ି ହସନ୍ ଜାହାଙ୍ଗୀର(୨୭)। ତାଙ୍କଠାରୁ ପ୍ରାୟ ୩କେଜି ୪୯୦ ଗ୍ରାମ ଗଞ୍ଜେଇ ସହ ପରିବହନରେ ବ୍ୟବହୃତ ବାଇକ୍ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୮୮/୨୫) ରୁଜୁ କରିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଗଞ୍ଜେଇ ଆଣି ଖଟାଲରୋଡ୍ ଗଡିଆଟୋଲିରେ ଯୋଗାଣ କରିବାକୁ ଯାଉଥିବା ବେଳେ ପୋଲିସ ହାତରେ ଧରାପଡିଥିଲା।

## ରାଉରକେଲା ବନଖଣ୍ଡ ପୁରସ୍କୃତ

**ରାଉରକେଲା, ୨୧।୩ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ବିଶ୍ୱ ବନ ଦିବସ ପାଳନ ଅବସରରେ ଶୁକ୍ରବାର ରାଉରକେଲା ବନଖଣ୍ଡକୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କୁ ମାନପତ୍ର ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ। ରାଉରକେଲାର ବିଭିନ୍ନ ବନାଞ୍ଚଳରେ ଅଭିନବ ଉପାୟରେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ପ୍ରଦାନ କରିବା, ବନାଗ୍ନି ନିୟନ୍ତ୍ରଣ କରିବା ସହ ପରିବେଶ ସୁରକ୍ଷା ସାଙ୍ଗକୁ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଉରକେଲା ବନଖଣ୍ଡକୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ରାଉରକେଲା ବନଖଣ୍ଡ ଅଧିକାରୀ ସେଠୀ ପରିବେଶ ସୁରକ୍ଷା ଲାଗି ବନ ବିଭାଗ ଅଞ୍ଚଳର ପ୍ରମୁଖ ୪ଟି ସ୍ଥାନରେ ଏଆଇ କ୍ୟାମେରା ଲଗାଇ ଜଙ୍ଗଲ ସହ ବନ୍ୟଜନ୍ତୁମାନଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରି ଗତ ମାସରେ ରାଜ୍ୟପାଳଙ୍କଠାରୁ ସମ୍ବର୍ଦ୍ଧିତ ହୋଇଥଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

**କୁଆଁରମୁଣ୍ଡା, ୨୧।୩(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ରାଏବୋଗା ଥାନା ଅନ୍ତର୍ଗତ ପୋଗ୍ରାପୋଷ ନିକଟରେ ଶୁକ୍ରବାର ଏକ ବାଲି ବୋଝେଇ ଟ୍ରାକ୍ଟର (ନଂ.ଓଡ଼ି ୧୪ଏଏଫ/୫୧୪୯)କୁ ପୋଲିସ ଚଢ଼ାଉ କରି ଜବତ କରିଛି। ଟ୍ରାକ୍ଟର ଚାଳକ କାଦୋବାହାଲ ଗ୍ରାମର ଫଗୁ ହରୋ(୧୯) ଓ ଗାଡ଼ି ମାଲିକ କିଶୋର ଲାକ୍ରା(୪୩)ଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (୫୫/୨୫) ରୁଜୁ ହୋଇଛି। ରାଏବୋଗା ଥାନା ଆଇଆଇସି ବାଲୁଙ୍କେଶ୍ୱର ନାୟକ, ଏସ୍‌ଆଇ ପ୍ରହ୍ଲାଦ ପ୍ରଧାନ ଏହି ଚଢାଉ କରିଥିଲେ।


ରାଉରକେଲା ବନଖଣ୍ଡ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## କୁତ୍ରାରେ କାଳବୈଶାଖୀ ସହ କୁଆପଥର ମାଡ଼

**କୁତ୍ରା, ୨୧।୩ (ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅଞ୍ଚଳରେ ଶୁକ୍ରବାର ଅପରାହ୍ନ ୪ ସମୟରେ ପ୍ରବଳ ଝଡତୋଫାନ ସାଙ୍ଗକୁ ବିଜୁଳି ଘଡଘଡି ହେବା ସହ ଭଲ ଅସରାଏ ବର୍ଷା ହୋଇଥିଲା। ଡାହିଜିରା ଅଞ୍ଚଳରେ ଏହି କାଳବୈଶାଖୀ ପ୍ରଭାବରେ ବର୍ଷା ସାଙ୍ଗକୁ କୁଆପଥର ମାଡ ହୋଇଥିବାରୁ ସବୁଆଡେ ଧଳାରଙ୍ଗର ଚାଦର ପରି ଦିଶୁଥିଲା। କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗିଥିବା ବେଳେ କିଛି ଉପୁଡି ଯାଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ରନ୍ଦ ରହିଛି ।

# ଅଲ୍ ଓଡ଼ିଶା ଚେସ୍ ଚାମ୍ପିୟନଶିପ୍ ଆରମ୍ଭ

**ରାଉରକେଲା, ୨୧।୩(ବିପ୍ଳବ ରଞ୍ଜନ ଦାଶ)**

ଅଲ ଓଡ଼ିଶା ଚେସ୍ ଆସୋସିଏଶନ ତତ୍ତ୍ୱାବଧାନରେ ଆର୍‌ଏସ୍‌ପି ସ୍ପୋର୍ଟସ ୟୁନିଟ୍ ପକ୍ଷରୁ ରାଜ୍ୟ ଓପନ ଏବଂ ଜୁନିୟର ୧୩ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍-୨୦୨୫ ଶୁକ୍ରବାର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଆର୍‌ଏସ୍‌ପି ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ ମୁଖ୍ୟଅତିଥି, ଟାଉନ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଜୋଜୋ ସମ୍ମାନୀତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ଏହି ଅବସରରେ ସହର ସେବା ବିଭାଗ ଜିଏମ୍ ଇନ୍‌ଚାର୍ଜ ଟି. ଜି କାନେକର ଏବଂ ଏଓସିଏର ପୂର୍ବତନ ସଭାପତି ତଥା ପ୍ରତିଯୋଗିତାର ନିର୍ଦ୍ଦେଶକ ଜି. ସି ମହାପାତ୍ର ଉପସ୍ଥିତ ଥିଲେ। ବେହୁରିଆ ତାଙ୍କ ବକ୍ତବ୍ୟରେ ଯୁବପିଢିଙ୍କୁ ଚେସ୍ ଭଳି ପ୍ରଭାବଶାଳୀ ମସ୍ତିଷ୍କ ଖେଳରେ ନିୟୋଜିତ କରିବା ପାଇଁ ଏହିଭଳି ଟୁର୍ନାମେଣ୍ଟ ଆୟୋଜନ କରିବାରେ ଆରଏସ୍‌ପିର ଭୂମିକା ଉପରେ ଆଲୋକପାତ କରିଥିଲେ। ଜୋଜୋ ତାଙ୍କ ଭାଷଣରେ ଖେଳାଳିଙ୍କୁ ଚାମ୍ପିୟନଶିପ୍‌ରେ ସେମାନଙ୍କ ସର୍ବଶ୍ରେଷ୍ଠ ପ୍ରତିଭା ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ଟି. ଜି କାନେକର ସ୍ୱାଗତ ଭାଷଣ ଦେଇଥିଲେ। ଡେପୁଟି ମ୍ୟାନେଜର (କ୍ରୀଡା) ରଘୁନନ୍ଦନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୨୩ତାରିଖରେ ଶେଷ ହେବାକୁ ଥିବା ଚାମ୍ପିୟନଶିପ୍‌ରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୨୪୨ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମ୍ୟାଚ ଦୁଇଟି ବର୍ଗରେ ଖେଳାଯାଉଛି। ମୁକ୍ତ ବର୍ଗରେ ୧୦୬ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ୧୩ରୁ କମ ବୟସ ବର୍ଗରେ ୧୩୬ଜଣ ଅଂଶଗ୍ରହଣ କରିଛନ୍ତି। ଏହି ୮ରାଉଣ୍ଡ ଟୁର୍ନାମେଣ୍ଟ ସ୍ୱିସ ସିଷ୍ଟମ ଅଧୀନରେ ଖେଳାଯାଉଛି।


ଆରମ୍ଭ ହୋଇଥିବା ଚେସ୍ ଟୁର୍ନାମେଣ୍ଟର ଦୃଶ୍ୟ।

# ରେଳ ଷ୍ଟେଶନ ଲିଫ୍ଟ ଅଚଳ, ଯାତ୍ରୀ ହନ୍ତସନ୍ତ

**ରାଉରକେଲା, ୨୧।୩(ଦିନେଶ ମିଶ୍ର)**

ରାଉରକେଲା ରେଳ ଷ୍ଟେଶନର ଦ୍ୱିତୀୟ ପ୍ରବେଶ ପଥରେ ଲାଗିଥିବା ଲିଫ୍ଟ ଅଧିକାଂଶ ସମୟରେ ଅଚଳ ରହୁଛି। ଫଳରେ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ଶିଡି ଚଢ଼ିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାଉରକେଲା ରେଳ ଷ୍ଟେଶନ ଦେଇ ଦିଲ୍ଲୀ, କୋଲକାତା, ବମ୍ବେ, ବିହାର, ଛତିଶଗଡ, ଝାଡ଼ଖଣ୍ଡ ଭଳି ବିଭିନ୍ନ ରାଜ୍ୟକୁ ପ୍ରତିଦିନ ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀବାହୀ ଟ୍ରେନ ଯାତାୟାତ କରନ୍ତି। ଫଳରେ ପ୍ରତିଦିନ ଏଠାରେ ଯାତ୍ରୀଙ୍କ ଭିଡ ଦେଖିବାକୁ ମିଳିଥାଏ। ଯାତ୍ରୀଙ୍କ ସୁବିଧା ପାଇଁ ଷ୍ଟେଶନ ପରିସରରେ ସ୍ୱତନ୍ତ୍ର ଏକ୍ସଲାଇଟର ଓ ଲିଫ୍ଟ ସାଙ୍ଗକୁ ପ୍ରତ୍ୟେକ ସ୍ଥାନରେ ସିସି କ୍ୟାମେରା, ପାନୀୟ ଜଳ ସହ ଇ-ଟିକେଟ ବ୍ୟବସ୍ଥା କରାଯାଇଥିଲା। ସେହିଭଳି ଷ୍ଟେଶନରେ ଅଧିକ ଭିଡ ନ ହେବା ପାଇଁ ଗୋପବନ୍ଧୁପାଲି ଅଞ୍ଚଳ ମୁଖ୍ୟ ରାସ୍ତା ଦେଇ ଦ୍ୱିତୀୟ ପ୍ରବେଶ ପଥ ନିର୍ମାଣ କରାଯାଇଥିଲା। ଏଠାରେ ମଧ୍ୟ ସ୍ୱତନ୍ତ୍ର ଟିକେଟ ବୁକିଙ୍ଗ କାଉଣ୍ଟର ସହ ଯାତ୍ରୀଙ୍କ ପାଇଁ ଲିଫ୍ଟ ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ଦ୍ୱିତୀୟ ପ୍ରବେଶ ପଥରେ ଥିବା ଏକାଧିକ ଟିକେଟ କାଉଣ୍ଟର ବନ୍ଦ ପଡିଥିବାବେଳେ ବର୍ତ୍ତମାନ ଏହାର ଲିଫ୍ଟ ଅଚଳ ହୋଇ ପଡି ରହିଛି। ଫଳରେ ଷ୍ଟେଶନକୁ ଆସୁଥିବା ବହୁ ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଯାତ୍ରୀମାନେ ଅସୁବିଧା ଭୋଗୁଛନ୍ତି। ଉକ୍ତ ଲିଫ୍ଟ ବାରମ୍ବାର ଅଚଳ ହେଉଥିବାରୁ ବିଭିନ୍ନ ଯାତ୍ରୀଙ୍କ ଲଗେଜ୍ ନେବାଆଣିବାରେ ଅସୁବିଧା ହେଉଛି। ଲିଫ୍ଟ ଅଚଳ ଯୋଗୁ ୫୮ଟି ଶିଡି ଚଢିବାରେ ଯାତ୍ରୀମାନେ ସମସ୍ୟା ଭୋଗୁଛନ୍ତି। ଅଚଳ ହୋଇ ପଡିଥିବା ଲିଫ୍ଟକୁ ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ଚାଲୁ କରିବା ପାଇଁ ଦାବି ହେଉଛି।

ଏ ନେଇ ରାଉରକେଲା ଷ୍ଟେଶନ ମାଷ୍ଟର ଲକ୍ଷ୍ମୀଧର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲା ରେଳ ଷ୍ଟେଶନରେ ଥିବା ଲିଫ୍ଟ ଘରୋଇ ବିଦ୍ୟୁତ୍ ସଂଯୋଗୀକରଣ ସାହାଯ୍ୟରେ ଚାଲୁଛି। ବିଦ୍ୟୁତ୍ କାଟ ହେଲେ ଲିଫ୍ଟ ଅଚଳ ହୋଇଯାଉଛି। ରେଲୱେ ପକ୍ଷରୁ ସ୍ୱତନ୍ତ୍ର ଜେନେରେଟର କି ଅନ୍ୟ କୌଣସି ବିଦ୍ୟୁତ୍ ବ୍ୟବସ୍ଥା କରାଯାଇନାହିଁ। ଏ ନେଇ ଆମେ ଦକ୍ଷିଣ-ପୂର୍ବ ରେଲୱେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଖୁବ୍‌ଶୀଘ୍ର ଏହି ସମସ୍ୟା ଦୂର ହୋଇଯିବ ବୋଲ ତ୍ରିପାଠୀ କହିଥିଲେ।


ରାଉରକେଲା ରେଳ ଷ୍ଟେଶନ।

## ବନ୍ଦିନୀଙ୍କ ଆତ୍ମହତ୍ୟା ଉଦ୍ୟମ, ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି

**ସମ୍ବଲପୁର, ୨୧।୩(ପ୍ରମୋଦ ବହିଦାର)**

ସମ୍ବଲପୁର ନାରୀବନ୍ଦୀ ନିକେତନରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣେ ବିଚାରାଧୀନ ମହିଳା ବନ୍ଦୀଙ୍କୁ ଗୁରୁତର ଅବସ୍ଥାରେ ଭିମସାରରେ ଭର୍ତ୍ତି କରାଯାଇଛି। ସେ ହେଲେ ରେସ୍ମା ବେଗମ। ଏକ ହତ୍ୟା ମାମଲାରେ ସେ ବନ୍ଦୀ ନିକେତନରେ ଥିଲେ। ମିଳିଥିବା ସୂଚନା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ କୌଣସି କାରଣରୁ ରେସ୍ମା ଫିନାଇଲ ପିଇଦେଇଥିଲେ। ପରେ ତାଙ୍କର ପ୍ରବଳ ବାନ୍ତି ହେବା ସହ ପେଟବ୍ୟଥା ହୋଇଥିଲା। ସେ ଛଟପଟ ହେବା ଦେଖି ବନ୍ଦିନିକେତନର ମହିଳା ସୁରକ୍ଷା କର୍ମୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ସେ ଫିନାଇଲ ପିଇଦେଇଥିବା କହିଥିଲେ। ତେଣୁ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ ଭିମସାର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ୨ ବର୍ଷ ତଳେ ଏକ ହତ୍ୟା ମାମଲରେ ସେ ଏଠାରେ ବିଚାରାଧୀନ ଭାବେ ରହିଛନ୍ତି। ବାରମ୍ବାର ଜାମିନ ପାଇଁ ଆବେଦନ କରି ବିଫଳ ହୋଇଛନ୍ତି। ତେଣୁ ହତାଶ ହୋଇ ଏଭଳି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ପୂର୍ବରୁ ମଧ୍ୟ ସେ ଅନେକଥର ବନ୍ଦି ନିକେତନର କର୍ମଚାରୀ ଓ ଅନ୍ତେବାସୀଙ୍କ ସହ ଝଗଡ଼ା କରି ଏଭଳି ନାଟକବାଜି କରିଥାନ୍ତି ବୋଲି ବନ୍ଦି ନିକେତନ କର୍ତ୍ତୃପକ୍ଷ କହିଛନ୍ତି।

# ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍ଓ

**ସମ୍ବଲପୁର, ୨୧।୩(ଭବାନୀ ଶଙ୍କର ଭୋଇ)**

- ସଦର ଡାକ୍ତରଖାନା ଚକ୍ଷୁ ବିଭାଗରେ ଦୁର୍ନୀତି ଅଭିଯୋଗ
- ବାହାରୁ ଲେନ୍ସ ମଗାଇବା ନାଁରେ ରୋଗୀଙ୍କଠାରୁ ୫ ହଜାର ନେବା ଅଭିଯୋଗ
- ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ:ସିଡିଏମ୍ଓ


ଚକ୍ଷୁ ବିଭାଗର ଦୁନୀତି ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଉଛି ।

ବୁର୍ଲା ଭିମସାର ପରେ ସମ୍ବଲପୁର ସଦର ଡାକ୍ତରଖାନାରେ ପଶ୍ଚିମ ଓଡିଶାର ସର୍ବାଧିକ ରୋଗୀ ଚିକିତ୍ସିତ ହୋଇଥାନ୍ତି। ତେବେ ସଦର ଡାକ୍ତରଖାନା ଚକ୍ଷୁ ବିଭାଗ ନାଁରେ ଶୁକ୍ରବାର ରୋଗୀ ପରିଜନ ଗୁରୁତର ଅଭିଯୋଗ ଆଣିଛନ୍ତି। ଚକ୍ଷୁ ଅସ୍ତ୍ରୋପଚାର ସମୟରେ ଭଲ ଲେନ୍ସ ଲଗାଇବା ନାଁରେ ବିଭାଗୀୟ ଆଟେଣ୍ଡାଣ୍ଟ ୫ ହଜାର ଟଙ୍କା ନେଇଥିବା ନେଇ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ସମ୍ବଲପୁର ଭତରାସ୍ଥିତ ଶଙ୍କରମଠର ସତ୍ୟନାରାୟଣ ମିଶ୍ର ଗତ ୧୪ତାରିଖ ଶୁକ୍ରବାର ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ବିଭାଗରେ ଭର୍ତ୍ତି ହୋଇଥିଲେ। ତେବେ ଅସ୍ତ୍ରୋପଚାର ପୂର୍ବରୁ ଚକ୍ଷୁ ବିଭାର ଜଣେ ଆଟେଣ୍ଡାଣ୍ଟ ଆସି ଏଠାରେ ମିଳୁଥିବା ସରକାରୀ ଲେନ୍ସ ମାନ ଠିକ୍ ନ ଥିବା କହିଥିଲେ। ଏସବୁ ଶୁଣିବା ପରେ ସେମାନେ ଭଲ ଲେନ୍ସ ଲଗାଇବା ପାଇଁ କହିବାରୁ ସେଥିପାଇଁ ୫ହଜାର ଟଙ୍କା ମାଗିଥିଲେ। ପରିବାର ଲୋକ ମଧ୍ୟ ଭଲ ଲେନ୍ସ ଲଗାଇବା ପାଇଁ ୫ ହଜାର ଦେଇଥିଲେ। ତେବେ ଅସ୍ତ୍ରୋପଚାର ପରେ ବାହାରୁ କିଣାଯାଇଥିବା ଲେନ୍ସର ରସିଦ ଦେବାକୁ ରୋଗୀଙ୍କ ଜ୍ୱାଇଁ ସୁଦିପ୍ତ ପଣ୍ଡା ଦାବି କରିଥିଲେ। ତେବେ ସମ୍ପୃକ୍ତ ଆଟେଣ୍ଡାଣ୍ଟ ରସିଦ୍ ଦିଆଯାଇ ପାରିବ ନାହିଁ ବୋଲି କହିଥିଲେ। ଏହାପରେ ବିଭାଗୀୟ ଡାକ୍ତର ସେଠାରେ ପହଞ୍ଚି ସେ ମଧ୍ୟ ବାହାରୁ କିଣାଯାଇଥିବା ଲେନ୍ସର ରସିଦ ଦିଆଯିବାର କୌଣସି ବ୍ୟବସ୍ଥା ନ ଥିବା କହିଥିଲେ। ଘଟଣା ବାବଦରେ ସେ ସିଡିଏମଓ ଡ. ସୁଜାତାରାଣୀ ମିଶ୍ରଙ୍କୁ ଫୋନ ଯୋଗେ ଜଣାଇବାରୁ ଟଙ୍କା ନେଇ ସଦର ଡାକ୍ତରଖାନାରେ ଚିକିତ୍ସା କରାଇବା ବ୍ୟବସ୍ଥା ନ ଥିବା କହିଥିଲେ। ଏହାପରେ ବିଭାଗୀୟ ଡାକ୍ତର ୫ ହଜାର ଟଙ୍କା ଫେରାଇ ଦେବାରୁ ବିଭାଗରେ ବଡଧରଣର ଦୁର୍ନୀତି ଚାଲିଥିବା ସନ୍ଦେହ ସୃଷ୍ଟି ହୋଇଥିଲା। ଅପରପକ୍ଷରେ ଗତ ସାତ ଦିନ ମଧ୍ୟରେ ସମ୍ପୃକ୍ତ ଡାକ୍ତର ଏବଂ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ତେଣୁ ଶୁକ୍ରବାର ସୁଦିପ୍ତ ପଣ୍ଡା ସାମାଜିକ କର୍ମୀ ସୁବ୍ରତ ପଣ୍ଡା ଏବଂ ରାମଦାସ ପଣ୍ଡାଙ୍କ ସହଯୋଗରେ ଜିଲାପାଳଙ୍କୁ ଘଟଣାର ତଦନ୍ତ ପାଇଁ ଲିଖିତଭାବେ ଜଣାଇଥିଲେ। ତେବେ ଜିଲାପାଳଙ୍କଠାରେ ଅଭିଯୋଗ ପରେ ସଦର ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମଧ୍ୟ ଚେତା ପଶିଛି। ସିଡିଏମଓ ଶୁକ୍ରବାର ଦୁଇ ଜଣିଆ କମିଟି ଗଠନ କରି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ତାରିଖ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡ ସଞ୍ଜିବ କୁମାର ତିରିଆ ଏବଂ ହସ୍ପିଟାଲ ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। କିଭଳି ଓ କେଉଁ ପରିସ୍ଥିତିରେ ଅସ୍ତ୍ରୋପଚାର ପାଇ ଟଙ୍କା ନେଲେ ଓ ପୁଣି ଫେରାଇ ଦେଲେ ତା'ର ତଦନ୍ତ ହେବ ବୋଲି ସିଡିଏମଓ କହିଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ ଡାକ୍ତର ଏବଂ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମଧ୍ୟ ସିଡିଏମଓ ଡ. ମିଶ୍ର କହିଛନ୍ତି।

## କୁତୁରାଚୁଆଁ ପଞ୍ଚାୟତକୁ ନିଶାମୁକ୍ତ କରାଯିବ


ସମାବେଶରେ ଯୋଗଦେଇଥିବା ନେତୃମଣ୍ଡଳୀ।

**କୁଚିଣ୍ଡା, ୨୧।୩(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା ବାମରା ବ୍ଲକ କୁତୁରାଚୁଆଁ ପଞ୍ଚାୟତକୁ ନିଶାମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରିବାକୁ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୁତୁରାଚୁଆଁ ଶାସ୍ତ୍ରୀଜୀ ଯୁବକ ସଂଘ ପରିସରରେ ଆୟୋଜିତ ସମାବେଶରେ ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ସମ୍ବଲପୁର ଜିଲା ସଭାପତି ସୁବାସ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କରୁଣାକର କିଷାନ, ସମ୍ପାଦକ ତଥା ଆଇନଜୀବୀ ସୁରେନ୍ଦ୍ର ଦେବ, କୁଚିଣ୍ଡା ବ୍ଲକ ଆବାହକ ମିତ୍ରଭାନୁ ପ୍ରଧାନ, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବେଣୁଧର ସେଠ, ସମିତି ସଭ୍ୟା ଯଶୋବନ୍ତି ମାଝି, ନାଏବ ସରପଞ୍ଚ ନବରତ୍ନ ନାୟକ ଯୋଗଦେଇଥିଲେ। ବକ୍ତାମାନେ ନିଶାଦ୍ରବ୍ୟ ସେବନ ଦ୍ୱାରା ପରିବାର କ୍ଷତିଗ୍ରସ୍ତ ହିବାସହ ନିଶାସେବନକାରୀ ବ୍ୟକ୍ତି କିଭଳି ବିଭିନ୍ନ ରୋଗର ଶିକାର ହୁଏ ତାର ଉଦାହରଣ ଦେଇଥିଲେ। କୁତୁରାଚୁଆଁକୁ ଏକ ନିଶାମୁକ୍ତ ଓ ଆଦର୍ଶ ପଞ୍ଚାୟତ ଘୋଷଣା ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ପରେ ବହୁସଂଖ୍ୟକ ମହିଳା ପୁରୁଷଙ୍କୁ ନେଇ ଏକ ସଚେତନତା ପଦଯାତ୍ରା କୁତୁରାଚୁଆଁ ଓ ସାତକମା ଗ୍ରାମ ପରିକ୍ରମା କରିଥିଲା। ଗଗନ ଶର୍ମା, ସାମାଜିକ କର୍ମୀ ବିଜୁ ସାହୁ, ଲମ୍ବୋଦର କୁମୁରା, ମହିଳା ସଂଘ ସଭାନେତ୍ରୀ ଇନ୍ଦ୍ରାଣୀ ପ୍ରଧାନ, ସମ୍ପାଦିକା ଶୁଭଶ୍ରୀ ସାହୁ, ସିଆରପି ପ୍ରଭାସିନୀ ନାୟକ, ରୀନା ଭଞ୍ଜ, ସୂର୍ଯ୍ୟକାନ୍ତି ତେଲି,ବିମଳା ପଟେଲ, ସୈରେନ୍ଦ୍ରୀ ସେଠ, ପ୍ରମିଳା ନାଏକ, ମାନସୀ ଛତ୍ରିଆ, ଇଲାବତୀ କୁସୁମ, ଯଜ୍ଞସେନୀ ପଟେଲ, ବିମଳା ପଟେଲ, ଏମବିକେ ଅନିତା ନାଏକ, ଚିତ୍ରସେନ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ସଚେତନତା ପଦଯାତ୍ରା ହୋଇଥିଲା। ଆସନ୍ତା ମଙ୍ଗଳବାର ଏହି ଅଭିଯାନ କିରାଶାସନ ଓ କୁଲେଇଗଡ ପଞ୍ଚାୟତରେ କରାଯିବାକୁ ସମାବେଶରେ ସ୍ଥିର ହୋଇଥିଲା।

### ବିରାଟ ସମାବେଶ, ପଦଯାତ୍ରା

## ଅବସରକାଳୀନ ପ୍ରାପ୍ୟ ଦେବାକୁ ଦାବିପତ୍ର

**କୁଚିଣ୍ଡା, ୨୧।୩(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ କୃଷି କାର୍ଯ୍ୟାଳୟରୁ ବିଭିନ୍ନ ପର୍ଯ୍ୟାୟରେ ଅବସରଗ୍ରହଣ କରିଥିବା ୫ଜଣ କୃଷି ଅଧିଦର୍ଶକ (ଓଭରସିୟର)ଙ୍କ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଉନାହିଁ। ଏହିମର୍ମରେ ଶୁକ୍ରବାର କୁଚିଣ୍ଡା ଅତିରିକ୍ତ କୃଷିଜିଲା ଅଧିକାରୀଙ୍କୁ ୭ଦିନ ମଧ୍ୟରେ ତାଙ୍କର ପ୍ରାପ୍ୟ ଦେବାକୁ ସେମାନେ ଦାବି କରିଛନ୍ତି। ୨୦୨୪ ଜାନୁଆରୀ ୩୧ରେ ଜଗଦୀଶ ପ୍ରସାଦ ଧାନ, ଫେବଆରୀ ୨୯ରେ ମିତ୍ରଭାନୁ କାଲୋ, ମେ ୩୧ରେ ତ୍ରିବିକ୍ରମ ପ୍ରଧାନ, ଜୁନ ୩୦ରେ ଶଶୀଭୂଷଣ ବଡେଇ ଓ ୨୦୨୫ ଜାନୁଆରୀ ୩୧ରେ ସୁମନ୍ତ କୁମାର ନାୟକ ଅବସର ଗ୍ରହଣ କରିଛନ୍ତି। ହେଲେ ବାରମ୍ବାର ଅନୁରୋଧ ସତ୍ତ୍ୱେ ଅବସର ଗ୍ରହଣର ଏତେଦିନ ପର୍ଯ୍ୟନ୍ତ ସେମାନଙ୍କ ବ୍ୟବହୃତ ସମସ୍ତ ଛୁଟି ଦରମା(ଅଲ ୟୁଟିଲାଇଜ ଲିଭ), ଗ୍ରାଚ୍ୟୁଇଟି ଓ ପେନସନ ଆଦି ଦିଆଯାଉନାହିଁ। ଫଳରେ ତାଙ୍କ ପରିବାର ଆର୍ଥିକ ଅନାଟନ ସହ ମାନସିକ ଅବସାଦରେ ଜୀବନ ଯାପନ କରୁଛନ୍ତି। ତେଣୁ ଧାର୍ଯ୍ୟସମୟ ମଧ୍ୟରେ ତାଙ୍କର ପ୍ରାପ୍ୟ ଦିଆ ନ ଗଲେ ସେମାନେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେବେ ବୋଲି ଏଥିରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅତିରିକ୍ତ କୃଷି ଜିଲା ଅଧିକାରୀ(ଏଡିଇଓ) ପ୍ରସନ୍ନ ସ୍ୱାଇଁଙ୍କୁ ପଚାରିବାରୁ କାହିଁକି ସେମାନଙ୍କ ପ୍ରାପ୍ୟ ଅଟକିଛି ଯାଞ୍ଚକରି ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଏଡିଇଓଙ୍କୁ ଅବସରପ୍ରାପ୍ତ କର୍ମଚାରୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ରେଲୱେ ଶ୍ରମିକ କଂଗ୍ରେସର ଧାରଣା



ଶ୍ରମିକଙ୍କ ପକ୍ଷରୁ ଡିଆରଏମ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ସମ୍ବଲପୁର, ୨୧।୩ (ଭବାନୀ ଶଙ୍କର ଭୋଇ)**

ସର୍ବଭାରତୀୟ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଶୁକ୍ରବାର ସମ୍ବଲପୁର ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୭ ଦଫା ଦାବି ପୂରଣ ନେଇ ଧାରଣା ଦିଆଯାଇଥିଲା। ରେଲୱେରେ କାର୍ଯ୍ୟ କରୁଥିବା ରେଳ କର୍ମଚାରୀମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ନେଇ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ଆହ୍ୱାନରେ ସମ୍ବଲପୁର ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଦିଆଯାଇଥିଲା। ରେଲୱେରେ ତୁରନ୍ତ ପୁରୁଣା ପେନସନ ଯୋଜନା ଲାଗୁ, ଟ୍ରାକ ମେଣ୍ଟେନରମାନଙ୍କ ପାଇଁ ୪୨ଶହ ଗ୍ରେଡ ପେ ଲାଗୁ କରାଯିବା ସମେତ ରନିଂ ଷ୍ଟାଫ ମାନଙ୍କୁ ୩୬ ଘଣ୍ଟାରେ ମୁଖ୍ୟାଳୟ ଫେରିବା ବ୍ୟବସ୍ଥା, ଟେକନିକାଲ ଗ୍ରେଡ ୩ ଓ ଗ୍ରେଡ ୫ର ମିଶ୍ରଣ ସହ ରେଲୱେରେ କାର୍ଯ୍ୟରତ ବିଭିନ୍ନ ରେଳ କର୍ମଚାରୀଙ୍କ ସବୁ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ରେଲୱେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ଡ଼ିଭିଜନାଲ ସଂଯୋଜକ ମହମ୍ମଦ ରଫି, ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ସମ୍ବଲପୁର ଶାଖାର ସମ୍ପାଦକ ଆଲୋକ ମିଶ୍ର ଓ ଅଲ ଇଣ୍ଡିଆ ଲୋକୋ ରନିଙ୍ଗ ଷ୍ଟାଫ ସମ୍ବଲପୁର ଡ଼ିଭିଜନାଲ ସମ୍ପାଦକ ବୁନା ସାହୁଙ୍କ ସମେତ ବହୁ ଶ୍ରମିକ କର୍ମଚାରୀ ମାନେ ଧାରଣାରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, ୪୭ ଦଫା ଦାବି ନେଇ ଗତ ୧୭ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ରେଲୱେ ଶ୍ରମିକ କଂଗ୍ରେସ ପ୍ରତିବାଦ ସପ୍ତାହ ପାଳନ କରାଯାଉଛି।

## ଶିକ୍ଷା ଅଧିକାରୀ ନିମନ୍ତ୍ରଣପତ୍ର ବଣ୍ଟନ କଲେ


ଧନକଉଡ଼ା ବ୍ଲକ ଗୁଆଲାପଡାରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ସକାଶେ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି।

**ସମ୍ବଲପୁର, ୨୧।୩(ବି.ଶଙ୍କର)**

### ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ସକାଶେ ପ୍ରସ୍ତୁତି

ସମ୍ବଲପୁର ଜିଲାରେ ଶିକ୍ଷା ବିଭାଗ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଓ ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଅନେକଗୁଡିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କ୍ରମରେ ଆସନ୍ତା ଏପ୍ରିଲ ମାସରେ ହେବାକୁ ଥିବା ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ସକାଶେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିସକାଶେ ନିମନ୍ତ୍ରଣ ପତ୍ର ବଣ୍ଟନ କାର୍ଯ୍ୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ସମ୍ବଲପୁର ଜିଲା ଧନକଉଡ଼ା ବ୍ଲକ ଅନ୍ତର୍ଗତ କମଳି ବଜାର ସ୍ଥିତ ଗୁଆଲାପଡା ଅଞ୍ଚଳରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ ସକାଶେ ନିମନ୍ତ୍ରଣ ପତ୍ର ବଣ୍ଟନ କରାଯାଇଛି। ସମ୍ବଲପୁରସ୍ଥିତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଏବଂ ଧନକଉଡ଼ା ବ୍ଲକର ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଯୋଗଦେଇ ଏହି ନିମନ୍ତ୍ରଣ ପତ୍ର ବଣ୍ଟନ କରିଥିଲେ। ଏଥିସହ ଅଭିଭାବକ ଓ ନୂତନ ଭାବେ ବିଦ୍ୟାଳୟରେ ଯୋଗ ଦେବାକୁ ଥିବା ଝିଅପୁଅମାନଙ୍କୁ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଅବଗତ କରାଇଥିଲେ ।

## ଗୃହ ନିର୍ମାଣ ଯୋଜନା ନିୟମ ଉଲ୍ଲଂଘନ ଅଭିଯୋଗ: ପୁଣି ସିଲ୍ ହେଲା ଫ୍ୟାଶନ ଅପ୍

**ସମ୍ବଲପୁର, ୨୧।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଲକ୍ଷ୍ମୀଟକିଜ୍ ଛକ ନିକଟରେ ଥିବା ଫ୍ୟାଶନ ଅପ୍ ନାମକ ଏକ ପୋଷାକ ଦୋକାନକୁ ଶୁକ୍ରବାର ମହାନଗର ନିଗମ ପକ୍ଷରୁ ପୁଣିଥରେ ସିଲ୍ କରାଯାଇଛି। ଓଡ଼ିଶା ଉନ୍ନୟନ ଆଇନ ଅନୁଯାୟୀ ଧାର୍ଯ୍ୟ ନିୟମ ଉଲ୍ଲଂଘନ ଅଭିଯୋଗରେ ଉକ୍ତ ଦୋକାନକୁ ସିଲ କରାଯାଇଛି ବୋଲି ଏମ୍ଏମ୍ସି ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି। ଗତ ଜାନୁଆରୀ ୨୯ରେ ସମାନ ଅଭିଯୋଗକୁ ନେଇ ଉକ୍ତ ଦୋକାନକୁ ସିଲ୍ କରାଯାଇଥିଲା। ଦୋକାନ ଥିବା ଜମିକୁ ମାଲିକ ମହମ୍ମଦ ଆରିଫ୍ ନାଗରିଆ ଅନ୍ୟଜଣେ ବ୍ୟକ୍ତିଙ୍କଠାରୁ କ୍ରୟ କରିଥିଲେ। ମାତ୍ର ପ୍ଲାନିଂ ବିଭାଗର ବିନା ଅନୁମୋଦନରେ ଏହି କୋଠା ନିର୍ମାଣ କରାଯାଇଛି। ଏକ ବ୍ୟବସାୟିକ ଅନୁଷ୍ଠାନ ପାଇଁ ଆବଶ୍ୟକ ସର୍ବନିମ୍ନ ସୁବିଧା ପାର୍କିଂ ବ୍ୟବସ୍ଥାକୁ ମଧ୍ୟ ଆଦୌ ଗୁରୁତ୍ୱ ଦିଆଯାଇ ନାହିଁ। ଏ ନେଇ ଦୋକାନ ମାଲିକଙ୍କୁ ଏସ୍ଏମ୍ସି ପ୍ଲାନିଂ ବିଭାଗ ପକ୍ଷରୁ ଓଡ଼ିଶା ଉନ୍ନୟନ ଆଇନ (ଓଡିଏ) ଅନୁସାରେ ନୋଟିସ ଜାରି କରାଯାଇଥିଲା। ମାତ୍ର ସେ ଏହାକୁ କର୍ଣ୍ଣପାତ କରି ନ ଥିଲେ। ପରେ ଏସ୍ଏମ୍ସି ପକ୍ଷରୁ ଦୋକାନକୁ ପ୍ରଥମଥର ପାଇଁ ଜାନୁଆରୀ ୨୯ରେ ସିଲ୍ କରାଯାଇଥିଲା। ଏହାପରେ ଦୋକାନ ମାଲିକ ଏସ୍ଏମ୍ସିର ଦ୍ୱାରସ୍ଥ ହୋଇ ପାର୍କିଂ ବ୍ୟବସ୍ଥା ସହିତ ଦୋଠାନ ନିର୍ମାଣ ସମ୍ପର୍କିତ କାଗଜପତ୍ର ଦାଖଲ କରିବାକୁ କିଛିଦିନ ସମୟ ମାଗିଥିଲେ। ତାଙ୍କ ଆବେଦନକୁ କର୍ତ୍ତୃପକ୍ଷ ଗହଣ କରି କିଛିଦିନ ସମୟ ଦେଇ ଦୋକାନ ଖୋଲବାକୁ ଅନୁମତି ପ୍ରଦାନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ମାଲିକ ଦେଇଥିବା ପ୍ରତିଶ୍ରୁତି ଅନୁସାରେ କାମ କରି ନ ଥିଲେ। ତେଣୁ ପୁନର୍ବାର ଏସ୍ଏମ୍ସି ପ୍ରବର୍ତ୍ତନ ବିଭାଗ ପକ୍ଷରୁ ଆୟୁକ୍ତ ବେଦଭୂଷଣଙ୍କ ଉପସ୍ଥିତିରେ ପୋଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦୋକାନକୁ ସିଲ୍ କରାଯାଇଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସରେ ନାମଯଜ୍ଞ

**ପଡିଆବାହାଲ, ୨୧।୩ (ରାଧାମୋହନ ଷଡ଼ଙ୍ଗୀ )**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଡଙ୍ଗରପଡାର ବ୍ରାହ୍ମଣପଡା ଓ କନ୍ଧପଡାଠାରେ ଶୁକ୍ରବାର ନାମଯଜ୍ଞ ଆରମ୍ଭ ହୋଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିରର ଅଷ୍ଟମ ସ୍ୱନକ୍ଷତ୍ର ଉପଲକ୍ଷେ ସତ୍ୟନାରାୟଣ ପୂଜା ଓ ଅଷ୍ଟପ୍ରହର ନାମଯଜ୍ଞ ଆଜି ଅନୁଷ୍ଠିତ ହୋଇଯାଇଛି। ଇଂ. ସଞ୍ଜୀବ କୁମାର ପଣ୍ଡା ଓ ସଙ୍ଗୀତା ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଗୁରୁବାର କଳସ ଯାତ୍ରା ସହ ଅଧିବାସ ଏବଂ ଶୁକ୍ରବାର ନାମାରମ୍ଭ ହୋଇଛି। ମିନୁ ପ୍ରଧାନ ଓ ଅଶ୍ୱିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଶନିବାର ପୂର୍ଣ୍ଣାହୁତି, ନଗରଭ୍ରମଣ ଓ ପ୍ରସାଦସେବନ କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକାରୀ ସଭାପତି ତଥା ସରପଞ୍ଚ ଅୟଶକାନ୍ତ ବଡ଼ପଣ୍ଡା, ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ ପ୍ରମୁଖଙ୍କ ସହିତ ନାମଯଜ୍ଞ କମିଟି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି।

## ବନୀକରଣ ଉପରେ ଗୁରୁତ୍ୱ ଦେବା ଜରୁରୀ

**ସମ୍ବଲପୁର, ୨୧।୩(ଭବାନୀ ଶଙ୍କର ଭୋଇ)**

### ଜିଲାସ୍ତରୀୟ ବିଶ୍ୱ ବନୀକରଣ ଦିବସ

ସମ୍ବଲପୁର କେନ୍ଦୁଲିଫ ସର୍କଲ ପକ୍ଷରୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ବନ ଦିବସ ପାଳନ କରାଯାଇଛି। ମୁଖ୍ୟ ବନ ସଂରକ୍ଷକ ସୁଦର୍ଶନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଶ୍ୱ ବନୀକରଣ ଦିବସ ଅବସରରେ ସମ୍ବଲପୁରର ବୁଢାରାଜା ହାଇସ୍କୁଲର ପୂର୍ବତନ ଶିକ୍ଷକ ପ୍ରକୃତିବନ୍ଧୁ ଉଦିତ ପାଟଯୋଶୀ ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟ ବନ ସଂରକ୍ଷକ ବେହେରା କହିଥିଲେ, କେନ୍ଦୁଲିଫ ବିଭାଗର ଜାତୀୟକରଣର ୫୧ ବର୍ଷ ପରେ ଏଭଳି ବନୀକରଣ ଦିବସ ଆୟୋଜନ କରୁଛି। ମୁଖ୍ୟବକ୍ତା ପାଟଯୋଶୀ କହିଥିଲେ, ଜଙ୍ଗଲ ଏବଂ ଆମ ଖାଦ୍ୟ ଭିତରେ ଏକ ନିବିଡ ସମ୍ପର୍କ ରହିଛି। ଯଦି ଜଙ୍ଗଲର ସୁରକ୍ଷା ହେବନାହିଁ ତେବେ ଭବିଷ୍ୟତରେ ଜୀବ ଜଗତରେ ଖାଦ୍ୟର ଅଭାବ ଦେଖାହେବ। ତେଣୁ ବନୀକରଣ ପ୍ରତି ଉଭୟ ସରକାର ଏବଂ ଜନ ସାଧାରଣ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆବଶ୍ୟକ। କାର୍ଯ୍ୟକ୍ରମରେ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣ ଏବଂ ସଂରକ୍ଷଣ ସମ୍ପର୍କରେ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଏହି ଅବସରରେ ସମ୍ବଲପୁର, ରେଢାଖୋଲ ଏବଂ ଝାରସୁଗୁଡା ଡିଭିଜନର ୭୦ ଜଣ ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର କେନ୍ଦୁଲିଫ ଡିଭିଜନ ଉପ ବନ ଅଧିକାରୀ ରଣେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସେହିପରି ଫରେଷ୍ଟର ମୋନାଲିସା ବାବୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫରେଷ୍ଟର କୃଷ୍ଣା କୁମାରୀ ଖୁଣ୍ଟିଆ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଶେଷରେ ସମ୍ବଲପୁର ଡିଭିଜନ କେନ୍ଦୁଲିଫ ଡିଏଫଓ ଗୌରୀ ଶଙ୍କର ଦାସ ଏହି ଅବସରରେ ସେମାନଙ୍କର ମତ ରଖିଥିଲେ। ସମ୍ବଲପୁର କେନ୍ଦୁଲିଫ ଡିଭିଜନ ଫରେଷ୍ଟର ଇତିଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ବିଶ୍ୱ ବନୀକରଣ ଦିବସରେ ସାମିଲ କେନ୍ଦୁଲିଫ ସର୍କଲ ଅଧିକାରୀ ଏବଂ କର୍ମଚାରୀ।

## ଭୁଲ୍ ବୁଝାମଣାରୁ ସମ୍ପର୍କରେ ତିକ୍ତତା ଆସେ

**ସମ୍ବଲପୁର, ୨୧।୩(ବି.ଶଙ୍କର)**

- ହୀରାଖଣ୍ଡ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
- ନାଟକ ଭାବନୁ ଅଭାବ ମଞ୍ଚସ୍ଥ

ଅଦୃଶ୍ୟ ନାଟ୍ୟ ଆଶ୍ରମ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗ ଆୟୋଜିତ ପଞ୍ଚମ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ସମ୍ବଲପୁରୀ ଭାଷାରେ ନାଟକ ଭାବ ନୁ ଅଭାବ ମଞ୍ଚସ୍ଥ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଅଦୃଶ୍ୟ ନାଟ୍ୟ ଆଶ୍ରମ କଳାକାରମାନେ ନାଟକ ମଞ୍ଚନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ, ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ନାଟକୀୟ କଳା ମଧ୍ୟ ଯୁବବର୍ଗଙ୍କ ଚରିତ୍ର ନିର୍ମାଣ ଏବଂ ସାମୂହିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି । ନାଟକ ମାଧ୍ୟମରେ ଯୁବବର୍ଗଙ୍କୁ ସଚେତନ କରିବାର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନ କଳା ବିଭାଗର ସଂଯୋଜକ ଡ. ଗୋପୀନାଥ ବାଗ ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ ପରିଚାଳନା କରିଥିଲେ । ସେହିପରି ପ୍ରଦର୍ଶନ କଳା ବିଭାଗର ହରିଦାସ ମହନ୍ତ, ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମର ସଂଯୋଜକ ସୁବଳ ଚନ୍ଦ୍ର ବାଗ, ସହ ସଂଯୋଜକ ଦଧିବାମନ ପଣ୍ଡା ସହଯୋଗ କରିଥିଲେ।


ମଞ୍ଚସ୍ଥ ନାଟକ ଭାବ ନୁ ଅଭାବର ଏକ ଦୃଶ୍ୟ।

ଭାବରେ ବାନ୍ଧି ହୋଇ ଗୋଟିଏ ପରିବାର ଗଠନ ହୋଇଥାଏ । ସୁଖ ଦୁଃଖ ହସ କାନ୍ଦ ଭିତରେ ଗୋଟିଏ ଜୀବନର ଡଙ୍ଗା ସମୟର ଧାରରେ ବୋହି ଚାଲେ। କିନ୍ତୁ ସମୟ ସହିତ ଘାଟମାନେ ମଧ୍ୟ ନିଜର ରଙ୍ଗ ବଦଳେଇ ଚାଲନ୍ତି । ହେଲେ ଡଙ୍ଗାଟି ତାର ଧର୍ମ ପାଳନ କରିଚାଲେ । ଅଥଚ ଆଧୁନିକ ଚଳଣିରେ ସ୍ୱାର୍ଥପରତା, ଅବିଶ୍ୱାସ ଗୋଟିଏ ପରିବାର ଭିତରେ ଥିବା ନିଷ୍ଠା, ବିଶ୍ୱାସ ଶ୍ରଦ୍ଧା ସମ୍ପର୍କ ଭିତରେ ଏକ ଅଭାବ ସୃଷ୍ଟି କରେ । ଏହିପରି ଭୁଲ ବୁଝାମଣା ଯୋଗୁ ସମ୍ପର୍କର ଭାବ ଭିତରେ ଏକ ଅଭାବ ସୃଷ୍ଟି ହୁଏ । ଯାହାକି ଅଭାବକୁ କୌଣସି ଡାକ୍ତର, ବୈଦ, ହାକିମ କିମ୍ବା ପଣ୍ଡିତ ଠିକ୍ କରି ପାରନ୍ତି ନାହିଁ । କିନ୍ତୁ ସେହି ଅଭାବ ଦୂର ହୋଇପାରିବ, ଯେତେବେଳେ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ନିଷ୍ଠା ଓ ବିଶ୍ୱାସ ଓ ଶ୍ରଦ୍ଧା ସଂପର୍କ ସ୍ଥାପିତ ହୋଇ ପାରିବ । ଏହିଭଳି ଏକ ପାରିବାରିକ କଥାବସ୍ତୁକୁ ନେଇ ସମ୍ବଲପୁରୀ ନାଟକ ଭାବ ନୁ ଅଭାବ ଗତିଶୀଳ ହୋଇଥିଲା। ନାଟକକୁ ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ ଅତିଶ କୁମାର ଶତପଥୀ। ବିଭିନ୍ନ ଭୂମିକାରେ ଥିଲେ ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁଡ, ହେମସାଗର ମହାନନ୍ଦ ଏବଂ ଏ.କେ.ଶତପଥୀ ଅଭିନୟ କରିଥିଲେ।

